ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୧ ଏପ୍ରିଲ ୨୦୨୧

## 'ଶେଷ ବୃନ୍ଦାକ ଲୁହ' ପୁସ୍ତକ ଲୋକାର୍ପିତ

ବାଲିପାଟଣା,(ଡି.ଏନ୍.ଏ.): ବାଲିପାଟଣାସ୍ଥିତ ଶିଶୁଅନନ୍ତ ମହାବିଦ୍ୟାଳୟରେ ଡ.ଭବାନୀଶଙ୍କର ଦାସଙ୍କ ଦ୍ୱାରା ରଚିତ ଗଳ୍ପ ପୁସ୍ତକ 'ଶେଷ ବୃନ୍ଦାକ ଲୁହ' ଲୋକାର୍ପିତ ହୋଇଛି। ଉତ୍ସବ ପ୍ରାରମ୍ଭରେ ବୃକ୍ଷରୋପଣ କରାଯାଇଥିଲା। ଅଧକ୍ଷ ଡ.ବୈକୁଣ୍ଠନାରାୟଣ ଦାସ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ ବଳେଶ୍ୱରନାଥ ସାହୁ ଯୋଗଦେଇ ଭାଷା ଓ ସାହିତ୍ୟ ବଞ୍ଚି ରହିବା ପାଇଁ କବିମାନେ ଲେଖନୀ ଚାଳନା ଜାରି ରଖିଲେ ଓଡ଼ିଆ ଜାତି ସର୍ବଦା ଶ୍ରେଷ୍ଠ ହୋଇରହିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସୁନାକର ବେହେରା, ଡ.ରଜନୀରଞ୍ଜନ ଦାସ, ପ୍ରାଧାପକ ହେମନ୍ତ ମିଶ୍ର, ବିଜୟଲକ୍ଷ୍ମୀ ଜେନା ଉପସ୍ଥିତ ଥିଲେ।



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ସେଣ୍ଟ୍ରାଲ ପକ୍ଷରୁ କୋଭିଡ୍-୧୯ ସଚେତନତା ରଥ ଉଦ୍‌ଘାଟନ, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୦ଟା ୩୦।
- ସପୋର୍ଟ ଅନୁଷ୍ଠାନ ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ, ଭୁବନେଶ୍ୱର ରେଲୱେ ଷ୍ଟେଶନ, ପୂର୍ବାହ୍ନ ୧୧ଟା ୩୦।
- ସାଧୁବାବା ହନୁମନ୍ତ ଦାସଜୀ ମହାରାଜ ଓରଫ ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ତ୍ରୟୋଦଶାହ ଉତ୍ସବ ପାଳନ, ୟୁନିଟ-୧ ଆଦିବାସୀ ପଡ଼ିଆ ନିକଟ ଲକ୍ଷ୍ମୀନୃସିଂହ ମନ୍ଦିର, ମଧ୍ୟାହ୍ନ ୧୨ଟା।

**କଟକ**
- ଆମ ଓଡିଆ କଟକ ବାରବାଟୀ ଶାଖା ପକ୍ଷରୁ ବନ୍ଧୁମିଳନ,୭୨ ମଠ, ସନ୍ଧ୍ୟା ୬ଟା।

# ଅଣାୟତ୍ତ ହେଉଛି ଭୁବନେଶ୍ୱର

**ଭୁବନେଶ୍ୱର, ୧୦।୪(ବ୍ୟୁରୋ)**

■ଆଉ ୧୭୧ ପଜିଟିଭ୍ ଚିହ୍ନଟ
■ଖଣ୍ଡଗିରି ହଟ୍‌ସ୍ପଟ୍, ଏକାଥରକେ ୧୯ ଆକ୍ରାନ୍ତ

ରାଜଧାନୀ ଭୁବନେଶ୍ୱରରେ କରୋନା ସ୍ଥିତି ଅଣାୟତ ହେବାରେ ଲାଗିଛି। ଗୋଟିଏ ଦିନରେ ୧୭୧ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୨୬ଜଣ ସ୍ଥାନୀୟ ଆକ୍ରାନ୍ତ ଥିବା ବେଳେ ୪୫ଜଣ କ୍ୱାରାଣ୍ଟାଇନ ସେଣ୍ଟରର ରହିଛନ୍ତି। ଖଣ୍ଡଗିରିରେ ଏବେ ହଟ୍‌ସ୍ପଟ୍ ହେବାକୁ ଲାଗିଲାଣି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖଣ୍ଡଗିରିରୁ କେବଳ ୧୯ଜଣ ରହିଛନ୍ତି। ସେହିପରି ପଟିଆରୁ ୧୬, ଡେଲ୍‌ଟା ଛକରୁ ୧୧, ବିଜେବି ନଗରରୁ ୮, ଟଙ୍କପାଣି ରୋଡ୍ ୬, ନୟାପଲ୍ଲୀ, ପୁରୁଣା ଭୁବନେଶ୍ୱର, ପାତ୍ରପଡ଼ାରୁ ୫ଜଣ ଲେଖାଏ ଚିହ୍ନଟ ହୋଇଛନ୍ତି। ତେବେ ପଟିଆରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ୫ଜଣ ଏକ ଇଞ୍ଜିନିୟରିଂ କଲେଜର ବୋଲି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି। ଯେଉଁଥିରେ ସମସ୍ତେ ଛାତ୍ରୀ ଥିବା ଜଣାପଡ଼ିଛି। ସମସ୍ତଙ୍କ ବୟସ ୧୮ରୁ ୨୮ବର୍ଷ ମଧ୍ୟରେ ରହିଛି। ତେବେ ଭୁବନେଶ୍ୱର ବର୍ତ୍ତମାନ ମୋଟ ସଂକ୍ରମିତ ସଂଖ୍ୟା ୩୩,୩୬୪ରେ ପହଞ୍ଚିବା ବେଳେ ଏବେ ୮୮୩ଜଣ ସକ୍ରିୟ ରୋଗୀ ରହିଛନ୍ତି।

## ସଂକ୍ଷେପରେ

### ଗୃହ ସଙ୍ଗରୋଧରେ ରହିଲେ ୫ ସଂକ୍ରମିତ

**ବାଲିଅନ୍ତା,୧୦।୪(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ ଅଞ୍ଚଳରେ କରୋନାର ଦ୍ୱିତୀୟ ଲହର କାୟାବିସ୍ତାର କଲାଣି। ଗତ ୨ଦିନରେ ଏହି ବ୍ଲକ ଅଞ୍ଚଳରେ ୮ରୁ ଉର୍ଦ୍ଧ୍ୱ ବ୍ୟକ୍ତି କରୋନା ଆକ୍ରାନ୍ତ ଚିହ୍ନଟ ହେଲେଣି। ଏହି ଆକ୍ରାନ୍ତଙ୍କ ମଧ୍ୟରେ ବଇଁଟୁଆ ପଞ୍ଚାୟତ ଅଧୀନ ଏକ ଗ୍ରାମର ଗୋଟିଏ ପରିବାରର ୫ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହି ୫ ସଂକ୍ରମିତଙ୍କୁ ୭ଦିନ ପାଇଁ ଗୃହ ସଙ୍ଗରୋଧରେ ରଖାଯାଇଛି। ପ୍ରତିଦିନ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିବା ସ୍ୱାସ୍ଥ୍ୟ ଅଧିକାରୀ ଡା. ତନ୍ମୟ ତ୍ରିପାଠୀ କହିଛନ୍ତି। ଏହି ବ୍ଲକ ଅଞ୍ଚଳ ସହର ତଳି ହୋଇଥିବାରୁ ଏଠାରେ ବିଭିନ୍ନ ରାଜ୍ୟରୁ ଲୋକ ଆସି ରହୁଛନ୍ତି। ତେଣୁ ରାଜ୍ୟ ଫେରନ୍ତା ଲୋକଙ୍କ କଣ୍ଟାକ ଟ୍ରେସିଂ କରାଯିବାକୁ ଦାବି ହୋଇଛି।

### ସଚେତନ ସହ ଜରିମାନା

**ବାଲିଅନ୍ତା,୧୦।୪(ଡି.ଏନ୍.ଏ.):** କୋଭିଡ୍ ନିୟମ ଉଲ୍ଲଂଘନ ବିରୋଧରେ ବାଲିଅନ୍ତା ଥାନା ପୋଲିସ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ରାଜ୍ୟ ପୋଲିସର ଆହ୍ୱାନକ୍ରମେ ଆରମ୍ଭ ହୋଇଥିବା ଏହି ସ୍ପେଶାଲ ଡ୍ରାଇଭରରେ ପ୍ରଥମେ ଲୋକଙ୍କୁ ସଚେତନ କରାଯାଇଛି। ଥାନାଧିକାରୀ ପ୍ରଦୀପ କୁମାର ରାଉଥ, ଏସ୍‌ଆଇ ତୃପ୍ତିମୟୀ ରାଉତରାୟ ଓ ଅନ୍ୟ ପୋଲିସ କର୍ମଚାରୀ ଶନିବାର ବାଲିଅନ୍ତା ବଜାର ବୁଲିବୁଲି ସମସ୍ତ ଦୋକାନୀଙ୍କୁ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ଆଦି କୋଭିଡ୍ ନିୟମ ମାନିବାକୁ ପରାମର୍ଶ ଦେଇଛନ୍ତି। ମାସ୍କ ପିନ୍ଧି ନ ଥିବା ୫ ଅମାନିଆଙ୍କଠାରୁ ପୋଲିସ ପକ୍ଷରୁ ଜରିମାନା ଆଦାୟ କରାଯାଇଛି। ବିନା ମାସ୍କରେ ବଜାର, ଛକ ଓ ହାଟକୁ ନ ଆସିବା ପାଇଁ କୁହାଯାଇଛି।

### ବିଜେଡିରେ ଯୋଗଦେଲେ ଶତାଧିକ ଭାଜପା କର୍ମୀ

**ନିଶ୍ଚିନ୍ତକୋଇଲି,୧୦।୪(ସ୍ୱ.ପ୍ର.):** ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଭାଜପାର ଗୋଷ୍ଠୀ କନ୍ଦଳ ଯୋଗୁ ବହୁ କର୍ମୀ ଦଳ ଛାଡି ବିଜେଡିରେ ଯୋଗଦେଇଛନ୍ତି। ଶୁକ୍ରବାର କଟକ ଜିଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜିମ୍ପିପୁର, ବୁହାଲୋ, ନିଶ୍ଚିନ୍ତକୋଇଲି, କଟରପଡା ଓ ବାଲିଆପଦା ଆଦି ପଞ୍ଚାୟତର ବହୁ ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ସୁକରପଡା ଡାକବଙ୍ଗଳାରେ ଏନେଇ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ମାହାଙ୍ଗା ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଦଳର ସାମିଲ ହୋଇଥିବା ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ।

### ଅପହୃତା ନାବାଳିକା ପଶ୍ଚିମବଙ୍ଗରୁ ଉଦ୍ଧାର

**ପୁରୁଣା ଭୁବନେଶ୍ୱର,୧୦।୪(ଡି.ଏନ୍.ଏ.):** ଶ୍ରୀଲିଙ୍ଗରାଜ ଥାନା ଅଞ୍ଚଳରୁ ଅପହୃତ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳରୁ ଉଦ୍ଧାର କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅମିନ୍ ସେକ୍। ସୂଚନା ମୁତାବକ, ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ପକ୍ଷରୁ ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୯୬/୨୧)ରୁଜୁକରି ତଦନ୍ତ ଚଳାଇଥିଲା।

# ଅମାନିଆଙ୍କୁ ଧରିବ ସିସି କ୍ୟାମେରା




**ଭୁବନେଶ୍ୱର, ୧୦।୪(ବ୍ୟୁରୋ)**

କରୋନାର ନୂଆ ଷ୍ଟ୍ରେନ୍ ଚିନ୍ତା ବଢ଼ାଇଛି। ତଥାପି ଚେତୁନାହାନ୍ତି ରାଜଧାନୀର ଅମାନିଆ। କମିଶନରେଟ ପୋଲିସର ଘନ ଘନ ଚଢ଼ାଉ, ମୋଟା ଅଙ୍କର ଜରିମାନା ସହ ସିଲ୍ ଅଭିଯାନ ଜାରି ରହିଥିଲେ ମଧ୍ୟ ଖାତିର କରୁନାହାନ୍ତି ସେମାନେ। ଏପଟେ ମାସ୍କ ନ ଥିଲେ ଜରିମାନା ରାଶିକୁ ରାଜ୍ୟ ସରକାର ଦୁଇଗୁଣା କରିଛନ୍ତି। ତଥାପି ବହୁ ଲୋକ ସାମାଜିକ ଦୂରତ୍ୱ ରଖୁନାହାନ୍ତି କି ମୁହଁରେ ଠିକ୍ ଭାବେ ମାସ୍କ ପିନ୍ଧୁ ନାହାନ୍ତି। ଯେଉଁଥିପାଇଁ ସହରରେ ହୁହୁ ହୋଇ ମାଡ଼ି ଚାଲିଛି ସଂକ୍ରମଣ। ସେପଟେ ଭୁବନେଶ୍ୱରର ବସ୍ତି, କଲୋନୀଠାରୁ ଆରମ୍ଭ କରି ମୁଖ୍ୟ ରାସ୍ତା ସବୁଠି ଯାଞ୍ଚ କରିବା ସମ୍ଭବ ହେଉ ନ ଥିବାରୁ ବିକଳ୍ପ ପନ୍ଥା ଆପଣାଇଛି କମିଶନରେଟ ପୋଲିସ। କୋଭିଡ ଉଲ୍ଲଂଘନକାରୀଙ୍କୁ ସିସି କ୍ୟାମେରା ଜରିଆରେ ଧରିବା ପାଇଁ ନିଷ୍ପତ୍ତି ହୋଇଛି। ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ ଧରିବା ପାଇଁ ରାଜଧାନୀର ବିଭିନ୍ନ ଛକରେ ଲାଗିଥିବା ସିସି କ୍ୟାମେରା ସହାୟତାରେ କୋଭିଡ୍ ଯାଞ୍ଚ କରାଯିବ। ଏଥିପାଇଁ ଏକ ସ୍ୱତନ୍ତ୍ର ପୋଲିସ ଟିମ୍‌କୁ ଦାୟିତ୍ୱ ଦିଆଯାଇଛି ବୋଲି ଭୁବନେଶର ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସିସି କ୍ୟାମେରାରେ ଯେଉଁମାନେ କୋଭିଡ୍ ନିୟମ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିବ ସେଠାକୁ ତୁରନ୍ତ ପିସିଆର ଭ୍ୟାନ୍ ଅବା ଯାଞ୍ଚ ପାଇଁ ମୁତୟନ ଥିବା ଫୋର୍ସଙ୍କୁ ପଠାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେମାନଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯିବ। ସୂଚନାଯୋଗ୍ୟ, ଭୁବନେଶ୍ୱରରେ ଥିବା ସପିଂମଲ୍, ମାର୍କେଟ କମ୍ପ୍ଲେକ୍ସ, ପରିବା ହାଟ ଆଦି ଅଞ୍ଚଳରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଯାଞ୍ଚ କରାଯାଉଥିବାବେଳେ ଖୋଦ୍ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ରାସ୍ତାକୁ ଓହ୍ଲାଇ ଲୋକଙ୍କୁ ବୁଝାଉଛନ୍ତି। ଏପରିସ୍ଥଳେ ସିସିଟିଭି ଫୁଟେଜ୍ ପରୋକ୍ଷରେ କୋଭିଡ୍ ସଂକ୍ରମଣକୁ ରୋକିପାରିବ ବୋଲି ଆଶା କରାଯାଉଛି।

## ଏମ୍ବାସୀ କ୍ଲବ୍ ଓ ସ୍କାଏ ଲଉଞ୍ଜ୍ ଉପରେ ୧୦ହଜାର ଜରିମାନା

ସହରରେ ସଂକ୍ରମଣକୁ ରୋକିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମଧ୍ୟ ଅଣ୍ଟା ଭିଡିଛି। ଲଗାତର କିଛିଦିନ ହେବ ପୋଲିସ ସହାୟତାରେ ଚଢ଼ାଉ ଚାଲିଛି। ଶନିବାର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏମ୍ବାସୀ କ୍ଲବ୍ ଓ ସ୍କାଏ ଲଉଞ୍ଜ୍ ଉପରେ ଚଢ଼ାଉ କରାଯାଇଥିଲା। ବିଏମ୍‌ସିର ଆସିଷ୍ଟାଣ୍ଟ କମିଶନର ଲିଲନ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢ଼ାଉ କରିଥିଲା। କୋଭିଡ୍ ଗାଇଡ୍‌ଲାଇନ୍ ଉଲ୍ଲଂଘନ ହୋଇଥିବାରୁ ୧୦ହଜାର ଟଙ୍କା ଜରିମାନା କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।



## ସେଲ୍ଫି କର୍ନର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଜୟଲକ୍ଷ୍ମୀ



@ ଇମ୍‌ତାଜ



@ ପ୍ରଦୀପ



@ ସତ୍ୟଞ୍ଜୟ



@ ସ୍ମୃତିରଞ୍ଜନ



@ ସାକ୍ଷୀ



@ ବଳରାମ

# ସଖୀ ନାଚର କାହାଣୀ କହିବ 'ନାଚବାଲି'

**ଭୁବନେଶ୍ୱର, ୧୦।୪ (ବ୍ୟୁରୋ)**




ନବେ ଦଶକରେ ସଖୀ ନାଚ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲା। ବିଶେଷକରି ଗାଁ ଗହଳିର ବିଭିନ୍ନ ଉତ୍ସବରେ ସଖୀ ନାଚକୁ ପ୍ରାଧାନ୍ୟ ମିଳୁଥିଲା। ପୁଅମାନେ ଝିଅ ବେଶ ହୋଇ ଗାଁ ଗାଁ ବୁଲି ଏହି ନାଚ ପରିବେଷଣ କରୁଥିଲେ। ମାତ୍ର ସମୟ ବଦଳିବା ସହ ଯାତ୍ରା, ମେଲୋଡି ଓ ଅନ୍ୟାନ୍ୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଏହି ସଖୀ ନାଚର ସ୍ଥାନ ନେଲେ। ବଣ ମଲ୍ଲି ବଣରେ ଝଡିଯିବା ଭଳି ସଖୀ ନାଚ କଳାକାରଙ୍କ ପ୍ରତିଭା ଗାଁ ଭିତରେ ହିଁ ସୀମିତ ହୋଇ ରହିଗଲା। ଲୋକଙ୍କ ମାନସପଟ୍ଟରୁ କ୍ରମଶଃ ଲିଭି ଆସୁଥିବାବେଳେ ଓଡ଼ିଶାର ଏହି ଲୁପ୍ତପ୍ରାୟ କଳାକୁ ନେଇ ଖୁବ୍‌ଶୀଘ୍ର ରିଲିଜ୍ ହେବାକୁ ଯାଉଛି ଓଡ଼ିଆ ଚଳଚ୍ଚିତ୍ର 'ନାଚବାଲି'। ଚଳଚ୍ଚିତ୍ରର ମୁଖ୍ୟ ଭୂମିକା କୁଇନ୍‌ର ଚରିତ୍ର ଆସୁଛନ୍ତି କିନ୍ନର ଆୟେଶା ବେହେରା। ସେହିଭଳି ସୋମୁ (ସଖୀ)ଭୂମିକାରେ ଅଛନ୍ତି ବିଭୁଦତ୍ତ ଦାସ ଓ ଧ୍ରୁବ (ମ୍ୟାନେଜର) ଭୂମିକାରେ ଅଛନ୍ତି ସୁଧାଂଶୁ ଶତପଥୀ। ଓଡ଼ିଶୀ ନୃତ୍ୟ ଗୁରୁ ଶାଶ୍ୱତ ଯୋଶୀ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିବାବେଳେ ଏହାର ପ୍ରଯୋଜନା ଦାୟିତ୍ୱ ନେଇଛନ୍ତି ଏସ୍‌ଜେ ପ୍ରଡକ୍ସନ ହାଉସ୍ ଓ ଲାସ୍ୟକଳା। ଚଳଚ୍ଚିତ୍ରର କାହାଣୀ ଅନୁଯାୟୀ, କୁଇନ ଓ ସୋମୁ ଦୁହେଁ ଗାଁ ଗାଁ ବୁଲି ନାଚ ପରିବେଷଣ କରନ୍ତି। ଲୋକେ ସ୍ନେହରେ ତାଙ୍କୁ ନାଚବାଲି ବୋଲି ଡାକନ୍ତି। କାର୍ଯ୍ୟକ୍ରମର ପୂରା ଦାୟିତ୍ୱ ବୁଝନ୍ତି ମ୍ୟାନେଜର ଧ୍ରୁବ। ସବୁକିଛି ଠିକ୍ ଠାକ୍ ଚାଲିଥିବାବେଳେ ଧିରେ ଧିରେ ଏହି ନାଚର ଲୋକପ୍ରିୟତା କମିବାକୁ ଲାଗେ। ଏମାନେ ଗାଉଁଲି ଅଶିକ୍ଷିତ ହୋଇଥିବାରୁ ଆଗକୁ ବଢି ପାରନ୍ତି ନାହିଁ। ଶେଷରେ କାମ ନ ପାଇ ସେମାନଙ୍କୁ ଭୋକ ଉପାସରେ ଦିନ ବିତାଇବାକୁ ପଡେ। ପରିସ୍ଥିତି ଏପରି ହୁଏ ଶେଷରେ ମୁଠାଏ ଦାନା ପାଇଁ ସେମାନେ ପରସ୍ପର ଉପରେ ଆକ୍ରମଣ କରିବାକୁ ପଛାନ୍ତି ନାହିଁ। ଏଭଳି ଏକ ମର୍ମସ୍ପର୍ଶୀ କାହାଣୀକୁ ନେଇ ଚଳଚ୍ଚିତ୍ରଟି ପ୍ରସ୍ତୁତ ହୋଇଛି। ୨୯ ମିନିଟ୍‌ର ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସୁମିତ ଦିକ୍ଷୀତ। 'ନାଚବାଲି ପୁଣି ନାଇବ ନୂପୂର' ଗୀତଟି ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇପାରିଛି। ଆସନ୍ତା ୨୯ ତାରିଖ ବିଶ୍ୱ ନୃତ୍ୟ ଦିବସ ଅବସରରେ ଏହା ରିଲିଜ୍ ହେବ। ଭୁବନେଶ୍ୱରରେ ଏହାର ପ୍ରିମିୟର ହେବା ସହ 'ଶାସ୍ୱତ ଯୋଶୀ ୟୁଟ୍ୟୁବ୍' ଚ୍ୟାନେଲରେ ରିଲିଜ୍ କରାଯିବ। ଗତ ୧ବର୍ଷ ଧରି ସେ ଏହି କଳା ଉପରେ ଗବେଷଣା କରିବା ପରେ ଚଳଚ୍ଚିତ୍ରଟି ନିର୍ମାଣ କରିଥିବା ଶାଶ୍ୱତ କହିଛନ୍ତି।

## ନିଶାସକ୍ତ ଗାଡ଼ି ଚାଳକଙ୍କୁ ଦରଦ କମିଶନରେଟ ପୋଲିସକୁ ପରିବହନ ବିଭାଗର ଚିଠି

**ଭୁବନେଶ୍ୱର,୧୦।୪(ବ୍ୟୁରୋ)**

ଜଣେ ନିଶାସପ୍ତ ମହିଳା ଗାଡ଼ି ଚାଳକଙ୍କ ପ୍ରତି କମିଶନରେଟ ପୋଲିସର ଦରଦକୁ ନେଇ ଉଠିଛି ପ୍ରଶ୍ନ। ମଦ ପିଇ ଗାଡି ଚଲାଉଥିବାବେଳେ ଧରାପଡିବାରୁ ପୁଲିସ ତାଙ୍କୁ ମାତ୍ର ୫୦୦ ଟଙ୍କାର ଜରିମାନା କାଟି ଛାଡି ଦେଇଥିଲା। ଏହି ଘଟଣାରେ ପରିବହନ ବିଭାଗ କମିଶରେଟ ପୋଲିସକୁ ଚିଠି ଲେଖି ଉତ୍ତର ରଖିବାକୁ କୁହାଯାଇଛି।

ନୂଆ ମୋଟରଯାନ ଆଇନ ୧୮୫ ଅନୁସାରେ ମଦ ପିଇ ଗାଡି ଚଲାଇ ଧରାପଡିଲେ ପ୍ରଥମଥର ୧୦ ହଜାର ଟଙ୍କା ଜରିମାନା ୬ ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ରହିଥିବାବେଳେ ଦ୍ୱିତୀୟଥର ୧୫ ହଜାର ଟଙ୍କା ସହ ୨ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ରହିଛି। ହେଲେ ପୋଲିସ ମାତ୍ର ୫୦୦ ଟଙ୍କା ନେଇ ଛାଡିଦେଇଥିବାରୁ ପରିବହନ ବିଭାଗ ସଚିବ ମଧୁସୂଦନ ପାଢୀ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି।

## ମନ୍ଦିରରୁ ମିଳିଲା ଲକ୍ଷ୍ମୀ, ନାରାୟଣଙ୍କ ପିତ୍ତଳ ମୂର୍ତ୍ତି

**ଭୁବନେଶ୍ୱର, ୧୦।୪(ବ୍ୟୁରୋ)**

ତମାଣ୍ଡୋ ଜଗନ୍ନାଥ ମନ୍ଦିରରେ କେହି ଅଜଣା ବ୍ୟକ୍ତି ନାରାୟଣ ଓ ଲକ୍ଷ୍ମୀଙ୍କ ପିତ୍ତଳ ମୂର୍ତ୍ତି ଛାଡ଼ି ଯାଇଛନ୍ତି। ଶନିବାର ସକାଳ ୮ଟାବେଳେ ପୂଜକ ପ୍ରଫୁଲ୍ଲ ମହାପାତ୍ରଙ୍କ ପତ୍ନୀ ପ୍ରତିମା ମହାପାତ୍ର ମୂର୍ତ୍ତି ଦୁଇଟିକୁ ଦେଖି ଖବର ଦେବାରୁ ପୋଲିସ ୨ ମୂର୍ତ୍ତିକୁ ଜବତ କରିଛି। ନାରାୟଣ ମୂର୍ତ୍ତିର ଉଚ୍ଚତା ୨ଫୁଟ ୧୦ଇଞ୍ଚ ହୋଇଥିବାବେଳେ ୫ କିଲୋ ୭୦୦ ଗ୍ରାମ ଓ ଲକ୍ଷ୍ମୀ ମୂର୍ତ୍ତିର ଓଜନ ୪ କିଲୋ ୮୩୦ଗ୍ରାମ ଓ ଉଚ୍ଚତା ୨ଫୁଟ ୪ ଇଞ୍ଚ।

## ରୁକୁଣା ରଥ ବିଶ୍ୱକର୍ମା ସେବାୟତ ସମ୍ବର୍ଦ୍ଧିତ

**ପୁରୁଣା ଭୁବନେଶ୍ୱର,୧୦।୪(ଡି.ଏନ୍.ଏ.)**

ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ନିର୍ମାଣକାରୀ ବିଶ୍ୱକର୍ମା ସେବାୟତଙ୍କୁ ଚଳିତ ବର୍ଷ ବକ୍ସି ଜଗବନ୍ଧୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ରଥଖଳାରେ ଟ୍ରଷ୍ଟ ସଦସ୍ୟମାନେ ପହଞ୍ଚି ମୁଖ୍ୟ ବିନ୍ଧାଣିଙ୍କ ସମେତ ୬ଜଣ ବିଶ୍ୱକର୍ମା ସେବାୟତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେମାନଙ୍କର କୌଳିକ ବୃତ୍ତି ଓ ସେବାକୁ ଏଭଳି ସମ୍ମାନିତ କରାଯାଇଥିବାରୁ ରଥ ନିର୍ମାଣକାରୀ ସେବାୟତଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଏହି ଅବସରରେ ଟ୍ରଷ୍ଟ ସମ୍ପାଦକ ଲଲାଟେନ୍ଦୁ ଦୀକ୍ଷିତ, କଳ୍ପତରୁ ଓଝା, ରାଣାପ୍ରତାପ ପାତ୍ର ଉପସ୍ଥିତ ଥିଲେ।



ଆସନ୍ତା ଅଶୋକାଷ୍ଟମୀରେ ହେବାକୁ ଥିବା ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥ ଯାତ୍ରା ପାଇଁ ପ୍ରସ୍ତୁତି ଚାଲିଛି। ଜଣେ ଶିଳ୍ପୀ ରଥରେ ଲାଗିବାକୁ ଥିବା କାଠଘୋଡ଼ାରେ ଶନିବାର ରଙ୍ଗ ଦେଉଛନ୍ତି।

# ବଜାରକୁ ଆସିବ ସମ୍ବଲପୁରୀ ୱେଡିଂ କଲେକ୍ସନ

**ଭୁବନେଶ୍ୱର, ୧୦।୪ (ବ୍ୟୁରୋ)**









ଶାଢୀ ଓ ସାଲ୍‌ୱାରର ପରିସୀମା ଭିତରୁ ବାହାରି ସମ୍ବଲପୁରୀ ହସ୍ତତନ୍ତ ଫ୍ୟାଶନ ଦୁନିଆରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି। ଏହା କେବଳ ଭାରତ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଛି। ତେବେ ସମ୍ବଲପୁରୀକୁ ହସ୍ତତନ୍ତକୁ ନେଇ ବିଭିନ୍ନ ଫ୍ୟାଶନେବଲ ପରିପାଟୀ ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ଏହାକୁ ବ୍ରାଇଡାଲ ଡ୍ରେସ ଭାବେ ବ୍ୟବହାର କରାଯାଇ ନାହିଁ। ତେଣୁ ବିବାହ ପୋଷାକ ଭାବେ ସମ୍ବଲପୁରୀ ହସ୍ତତନ୍ତକୁ ପ୍ରଦର୍ଶନ କରିବା ପାଇଁ ଯୋଜନା ରଖିଛନ୍ତି ସୁଜିତ୍ ମେହେର। ସ୍ୱପ୍ନକୁ ବାସ୍ତବ ରୂପ ଦେବା ସହ ଆସନ୍ତା ୨/୩ମାସ ଭିତରେ ବଜାରକୁ ସମ୍ବଲପୁରୀ ବ୍ରାଇଡାଲ କଷ୍ଟ୍ୟୁମ ତଥା ୱେଡିଂ କଲେକ୍ସନ୍ ଆସିବ ବୋଲି ସୂଚନା ଦେଇଛନ୍ତି। ବିବାହରେ ଲୋକମାନେ ବିଶେଷକରି ହେଭି ମ୍ୟାଟେରିଆଲ ଚାହିଁଥାନ୍ତି। ତେବେ କେବଳ ଫ୍ୟାନ୍ସି ଡ୍ରେସ ନୁହେଁ, ହସ୍ତତନ୍ତରେ ମଧ୍ୟ ଏଭଳି ଡ୍ରେସ ତିଆରି କରାଯାଇ ପାରିବ ବୋଲି ସେ କହିଛନ୍ତି। ବିଶେଷକରି ଏହା ଯେପରି ପକେଟ୍ ଫ୍ରେଣ୍ଡଲି ହୋଇପାରିବ ସେ ଦିଗରେ ଧ୍ୟାନ ଦିଆଯାଇଛି। ଓଡ଼ିଶାର ହସ୍ତତନ୍ତ କାରିଗର, ବୁଣାକାରଙ୍କୁ ନେଇ ଏହି ଯୋଜନା କାର୍ଯ୍ୟକାରୀ ହେବା ସହ ଓଡ଼ିଶା ଲୋକମାନେ ଯେପରି ସହଜରେ ଏହାର ସୁଯୋଗ ଉଠାଇ ପାରିବେ ସେ ସମ୍ପର୍କରେ ଧ୍ୟାନ ଦିଆଯାଇଛି। ଏହାକୁ ନେଇ ଖୁବ୍ ଶୀଘ୍ର ହେବାକୁ ଥିବା ଫ୍ୟାଶନ ଶୋ'ରେ ମଡେଲ ମଧ୍ୟ ଓଡ଼ିଶାରୁ ନିଆଯିବ ବୋଲି ସୁଜିତ କହିଛନ୍ତି। ବର୍ତ୍ତମାନର କରୋନା ସ୍ଥିତିକୁ ଦେଖି ଭର୍ଚୁଆଲ ମାଧ୍ୟମରେ କିଭଳି ଫ୍ୟାଶନ ଶୋ' କରାଯିବ ସେ ସମ୍ପର୍କରେ ଯୋଜନା କରାଯାଉଛି। କେବଳ ସେତିକି ନୁହେଁ, ଖୁବ୍ ଶୀଘ୍ର ସମ୍ବଲପୁରୀ ହସ୍ତତନ୍ତରେ ପ୍ରସ୍ତୁତ ଭ୍ୟାନିଟି ବ୍ୟାଗ ସହ ବ୍ୟାଙ୍ଗେଲ୍ସ, ହୋମ୍ ଫର୍ଣ୍ଣିସିଙ୍ଗ, ହୋମ୍ ଇଣ୍ଟେରିୟର, ଫ୍ୟାଶନ ଆସେସୋରିଜ୍ ଉପରେ ମଧ୍ୟ କାମ ଆରମ୍ଭ କରାଯିବ ବୋଲି ଯୋଜନା ରହିଥିବା ସେ ସୂଚନା ଦେଇଛନ୍ତି।

### ନାଗାସାଧୁଙ୍କ ମୁକ୍ତି ଦାବିରେ ବିକ୍ଷୋଭ

କଟକ ଅଫିସ: ନାଗାସାଧୁ ବୈଷ୍ଣବ ପୁରୀଙ୍କ ମୁକ୍ତି ଦାବିରେ କଟକ ଜିଲା ମଠ ମନ୍ଦିର ଓ ସାଧୁ ସନ୍ନ୍ୟାସୀ ସୁରକ୍ଷା ମଞ୍ଚ ପକ୍ଷରୁ ଶନିବାର ଜଗତ୍‌ପୁରସ୍ଥିତ ବଟେଶ୍ୱର ମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭକାରୀମାନେ ଜଷ୍ଟିସ ଫର ବୈଷ୍ଣବ ପୁରୀ ନାରା ଦେଇଥିଲେ। ନାଗାସାଧୁଙ୍କ ମୁକ୍ତି କାମନା କରି ମନ୍ଦିର ପ୍ରାଙ୍ଗଣରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ନାଗାସାଧୁଙ୍କୁ ପୋଲିସ ମାଡ଼ମାରି ଜେଲରେ ରଖିବା ଏବଂ ବଡ଼ ମେଡିକାଲରେ ଭର୍ତ୍ତି କରିବା ଘଟଣାକୁ ମଞ୍ଚପକ୍ଷରୁ ନିନ୍ଦା କରାଯାଇଛି।

## ସଂକ୍ଷେପରେ

### ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ପାଇଁ ଦାବିପତ୍ର

**କଟକ ସଦର,୧୦।୪(ଡି.ଏନ୍.ଏ.):** ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ଦାବିରେ ଶନିବାର ଉତ୍କଳ ବିକାଶ ପରିଷଦର କର୍ମକର୍ତ୍ତାମାନେ କନ୍ଦରପୁର ବିଦ୍ୟୁତ୍ ସେକ୍ସନର କନିଷ୍ଠ ପରିଚାଳକ ତୁଳସୀ ଚରଣ ଦାସଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପୀୟୂଷ ରଞ୍ଜନ ପରିଡା, ଚକ୍ରବର୍ତ୍ତୀ ଓତା, ନିରଞ୍ଜନ ରାଉଳ, ସନ୍ତୋଷ ଭୋଇ, ନୃସିଂହ ଚରଣ ସାହୁ ଓ ଲକ୍ଷ୍ମୀଧର ଜେନା ପ୍ରମୁଖ କନିଷ୍ଠ ପରିଚାଳକଙ୍କୁ ଭେଟି ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ପାଇଁ ଆଲୋଚନା କରିଥିଲେ। ଆବଶ୍ୟକ ପଡିଲେ ପରିଷଦର କର୍ମକର୍ତ୍ତାମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ପଛାଇବେ ନାହିଁ ବୋଲି ଇଂ. ପ୍ରକାଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

### ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ ଅଫିସ/ଆଠଗଡ(ସ୍ୱ.ପ୍ର), ୧୦।୪:** କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ସ୍ଥାୟୀ ଲୋକ ଅଦାଲତ(ଜନୋପଯୋଗୀ ସେବା) ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ଟି ରାଶନ କାର୍ଡ, ୨୨ଟି ବିଧବା, ବାର୍ଦ୍ଧକ୍ୟ ସମ୍ବନ୍ଧୀୟ ମାମଲାର ଶୁଣାଣି କରାଯାଇ ଫଇସଲା କରାଯାଇଥିଲା। ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ସହିତ ହିତାଧିକାରୀଙ୍କୁ ରାଶନ କାର୍ଡ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ରଞ୍ଜନ କୁମାର ପଣ୍ଡା, ସଦସ୍ୟ ପ୍ରଦୀପ କୁମାର ପଟ୍ଟନାୟକ, ତପନ କୁମାର ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଏହି ମାମଲାର ଫଇସଲା କରାଯାଇଥିଲା। ସେହିପରି ଆଠଗଡ଼ ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧକ୍ଷ ତଥା ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ଅରବିନ୍ଦ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଆଠଗଡ଼ ସିଭିଲ ଜଜ୍ ସିନିୟର ଡିଭିଜନ ଶ୍ରୀମୟୀ ଆଚାର୍ଯ୍ୟ, ଏସ୍‌ଡିଜେଏମ୍ ନନ୍ଦିତା ଦାସ ଏବଂ ଜେଏମ୍‌ଏଫ୍‌ସି ସୌମ୍ୟଶଙ୍କର ମହାନ୍ତି ଅଦାଲତ ପରିଚାଳନା କରିଥିଲେ। ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ୧୩ ମୋଟରଯାନ ଦୁର୍ଘଟଣାଜନିତ ମାମଲାର ଫଇସଲା କରାଯାଇ ୩୧.୮୭ ଲକ୍ଷ ଟଙ୍କା, ସବ୍‌ଜଜଙ୍କ ଅଦାଲତରେ ୨ଟି ବ୍ୟାଙ୍କ ଋଣ ସମ୍ବନ୍ଧୀୟ ମାମଲାରୁ ୩,୩୮,୬୫୩ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ଏସ୍‌ଡିଜେଏମ୍‌ଙ୍କ ଅଦାଲତ ପକ୍ଷରୁ ୨ଟି ବୈବାହିକ ମାମଲାର ସମାଧାନ ହୋଇଥିଲା। ଆଠଗଡ଼ ତହସିଲଦାରଙ୍କ ପକ୍ଷରୁ ୧୩୫ ମ୍ୟୁଟେସନ କେସ୍ ସମେତ ମୋଟ୍‌ରେ ୬୯୨ଟି ମାମଲାର ସମାଧାନ ହୋଇଥିଲା।

### ବିଦ୍ୟୁତ୍ ଉପଭୋକ୍ତା ମଞ୍ଚର ବିକ୍ଷୋଭ

**ସାଲେପୁର, ୧୦।୪(ଡି.ଏନ୍.ଏ.):** ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ଉପଭୋକ୍ତା ମଞ୍ଚ ପକ୍ଷରୁ ସାଲେପୁର ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ମଞ୍ଚର ବହୁ କର୍ମୀ ଯୋଗଦେଇ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି, ଅଘୋଷିତ ବିଦ୍ୟୁତ୍ କାଟକୁ ବିରୋଧ କରିଥିଲେ। ତୁରନ୍ତ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର କରିବାକୁ ସେମାନେ ଦାବି କରିଥିଲେ। ଆବାହକ ରାଜକିଶୋର ମଲ୍ଲିକଙ୍କ ନେତୃତ୍ୱରେ ଉଦୟ କେଶରୀ ବର୍ମା, ପୀତାମ୍ବର ଲେଙ୍କା, ରବୀନ୍ଦ୍ର କର, ବେଣୁଧର ପ୍ରଧାନ, କେଶବ ଷଡ଼ଙ୍ଗୀ ଓ ବାସୁଦେବ ଓଝା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଶେଷରେ ମଞ୍ଚ ପକ୍ଷରୁ ଏସ୍‌ଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଫେରାର ପରେ ତତ୍ପର

**କଟକ ଅଫିସ, ୧୦।୪**

ଗ୍ୟାଙ୍ଗଷ୍ଟର ଶେଖ୍ ହାଇଦର ଚିକିତ୍ସାଧୀନ ଅବସ୍ଥାରେ ଏସ୍‌ସିବିରୁ ଶନିବାର ଅପରାହ୍ଣରେ ଫେରାର ହୋଇଯିବା ଘଟଣା କମିଶନରେଟ ପୋଲିସର ଏବେ ମୁଣ୍ଡ ବିନ୍ଧାର କାରଣ ସାଜିଛି। ତାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରି ଯାଞ୍ଚ କରୁଛି। ଏପରି କି ପଡ଼ୋଶୀ କେନ୍ଦ୍ରାପଡ଼ା ଏବଂ ଯାଜପୁର ଜିଲା ପୋଲିସ ମଧ୍ୟ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ହାଇଦର ସର୍ଜରି ବିଭାଗର ୫ନଂ କ୍ୟାବିନରେ ଚିକିତ୍ସାଧୀନ ଥିଲେ। ତାଙ୍କ ଦାୟିତ୍ୱରେ ଶନିବାର ଜଣେ ସୁରକ୍ଷା କର୍ମୀ ଥିଲେ। କେଉଁ ପରିସ୍ଥିତିରେ ହାଇଦର ଫେରାର ହେଲେ ଏବଂ ତାଙ୍କୁ କିପରି ଖୁବ୍‌ଶୀଘ୍ର ଗିରଫ କରାଯିବ ସେନେଇ କମିଶନରେଟ ପୋଲିସ ମାନସ ମନ୍ଥନ ଆରମ୍ଭ କରିଛି। ଏପରି କି କଟକ ସହରକୁ ସଂଯୋଗ କରୁଥିବା ସମସ୍ତ ପଥକୁ ସିଲ୍ କରାଯାଇ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ଯୋବ୍ରା ବ୍ୟାରେଜ୍, ଶିଖରପୁର, ତ୍ରିଶୂଳିଆ, ଗୋପାଳପୁର ଛକରେ କଡ଼ାକଡ଼ି ଯାଞ୍ଚ କରାଯାଇଥିବାବେଳେ ସହର ମଧ୍ୟରେ ବିଭିନ୍ନ ସ୍ଥାନରେ ମଧ୍ୟ ଚଢ଼ାଉ କରାଯାଇଛି। ହାଇଦର ଫେରାର ହେବାର ପ୍ରାୟ ୨ ଘଣ୍ଟା ପରେ ପୋଲିସ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିଥିବାରୁ ସେ ସହର ଛାଡ଼ି ଚାଲିଯାଇଥିବା ଆଶଙ୍କା କରାଯାଉଛି।



ଗ୍ୟାଙ୍ଗଷ୍ଟର ଶେଖ୍ ହାଇଦର ଫେରାର ହୋଇଯିବା ପରେ ପୋଲିସ ଅଧିକାରୀଙ୍କ ଅନୁଧ୍ୟାନ।




କଟକ ଜୋବ୍ରା ଆନିକଟ ଛକରେ ପୋଲିସ ଗାଡ଼ି ଯାଞ୍ଚ କରୁଛି।

ହାଇଦର ଫେରାର ପଛରେ ତ୍ରୁଟିପୂର୍ଣ୍ଣ ପ୍ରଶାସନିକ ବ୍ୟବସ୍ଥା ହିଁ ଦାୟୀ, ଯାହାକି ପୋଲିସର ଖାମଖିଆଲ ମନୋଭାବକୁ ସୂଚାଉଛି। କମିଶନରେଟ ପୋଲିସର କଡ଼ା ପାଟ୍ରୋଲିଂ ସତ୍ତ୍ୱେ ଯେଉଁଠି ପୋଲିସ ଓ ସୁରକ୍ଷାକର୍ମୀଙ୍କ ସୁରକ୍ଷା ବଳୟରୁ କୁଖ୍ୟାତ ଅପରାଧୀ ଖସି ପଳାଉଛନ୍ତି, ସେଠାରେ ସାଧାରଣ ଲୋକେ କେତେ ସୁରକ୍ଷିତ ତାହା ସ୍ପଷ୍ଟ ବାରି ହୋଇପଡୁଛି।

**– ସୌଭାଗ୍ୟ ସୁନ୍ଦର ରାୟ, ବରିଷ୍ଠ ସ୍ତମ୍ଭକାର**

ଗ୍ୟାଙ୍ଗ୍‌ଷ୍ଟର ହାଇଦର ଫେରାର ହେବା ଘଟଣାରେ ପୋଲିସର ନିଷ୍କ୍ରିୟତାକୁ ସ୍ପଷ୍ଟ କରିଛି। ପୋଲିସର କାର୍ଯ୍ୟରେ ଅବହେଳା ଓ ହାର୍ଡକୋର ଅପରାଧୀଙ୍କ ପ୍ରତି କୋହଳ ମନୋଭାବ ପାଇଁ ହସ୍ପିଟାଲ୍‌ରୁ ହାଇଦର ଫେରାର ହୋଇଯିବାରେ ସମର୍ଥ ହୋଇଛନ୍ତି। ଏଥିପାଇଁ ଜେଲ କର୍ତ୍ତୃପକ୍ଷ ଓ ଡ୍ୟୁଟିରେ ଥିବା ପୋଲିସ ହିଁ ଦାୟୀ। ହାଇଦରଙ୍କୁ ସମ୍ବଲପୁର ଜେଲରୁ ଆଣିବାବେଳେ ହ୍ୟାଣ୍ଡକପ ଥିଲା କି ନାହିଁ ତାହା ସିସିଟିଭି ଫୁଟେଜରୁ ଯାଞ୍ଚ କରାଯିବା ଆବଶ୍ୟକ। ଏଥିସହ କଟକ ଏସ୍‌ସିବି ହସ୍ପିଟାଲରେ ଦାୟିତ୍ୱରେ ଥିବା ପୋଲିସ ଓ ଜେଲ କର୍ମଚାରୀ କାହିଁକି ହ୍ୟାଣ୍ଡକପ ଗୋଡ଼ ହାତରୁ ଖୋଲି ରଖିଲେ ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

**– ନିରଞ୍ଜନ କାନୁନ୍‌ଗୋ, ଆଇନଜୀବୀ।**

## ପୋଲିସ କମିଶନରଙ୍କ ରୁଦ୍ଧଦ୍ୱାର ବୈଠକ

ଗ୍ୟାଙ୍ଗଷ୍ଟର ହାଇଦର ଫେରାର ହୋଇଥିବା ଜଣାପଡ଼ିବାପରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କଟକରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଡିସିପିଙ୍କ କାର୍ଯ୍ୟାଳୟରେ କମିଶନର ସୌମେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏକ ରୁଦ୍ଧଦ୍ୱାର ବୈଠକ ବସିଥିଲା। ଯେଉଁଥିରେ ଡିସିପି ପ୍ରତୀକ ସିଂ ଓ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ପୋଲିସ ଏନେଇ କୌଣସି ମୁହଁ ଖୋଲୁ ନ ଥିବାବେଳେ ବୈଠକରେ ହାଇଦରଙ୍କୁ କିପରି ତୁରନ୍ତ ଗିରଫ କରାଯିବ ସେନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ନିଜ ନାମ ଗୋପନ ରଖି ଜଣେ ପୋଲିସ ଅଧିକାରୀ କହିଛନ୍ତି, ଏହା ଏକ ବଡ଼ ଘଟଣା। ପୋଲିସ ଏହାକୁ ଗୁରୁତ୍ୱର ସହ ନେଉଛି। ହାଇଦରଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି।

## ସାଢ଼େ ୩ଟାରେ ଟାବ୍‌ଲେଟ ଦେଇଥିଲି, ସାଢ଼େ ୫ଟାରେ ନ ଥିଲେ

ହାଇଦର ଚିକିତ୍ସିତ ହେଉଥିବା କ୍ୟାବିନରେ ଶନିବାର ଦାୟିତ୍ୱରେ ଥିବା ଷ୍ଟାଫ ନର୍ସଙ୍କ କହିବା ହେଲା ସେ ତାଙ୍କୁ ନିୟମିତ ବ୍ୟବଧାନରେ ଔଷଧ ଦେଉଥିଲେ। ଅପରାହ୍ଣ ସାଢ଼େ ୩ଟାରେ ସେ ତାଙ୍କୁ ଟାବ୍‌ଲେଟ ଦେବାକୁ କ୍ୟାବିନକୁ ଯାଇଥିଲେ। ସେତେବେଳେ ସେଠାରେ ହାଇଦରଙ୍କ ନିକଟରେ ୪ରୁ ୫ଜଣ ବ୍ୟକ୍ତି ଏବଂ ଜଣେ ସୁରକ୍ଷା କର୍ମୀ ଥିଲେ। ସେତେବେଳେ ସେମାନେ ବିରାୟାନି ଖାଉଥିଲେ। ସାଢ଼େ ୫ଟା ବେଳକୁ ଆଉ ଥରେ କ୍ୟାବିନ୍‌କୁ ଗଲାବେଳକୁ ହାଇଦରଙ୍କୁ ଦେଖିବାକୁ ପାଇ ନ ଥିଲେ। ଏଥିସହ ସୁରକ୍ଷାକର୍ମୀ ତଳେ ପଡ଼ିଥିଲେ। ସୁରକ୍ଷାକର୍ମୀଙ୍କୁ ଉଠାଇ ହାଇଦରଙ୍କ ବିଷୟରେ ପଚାରିଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇପାରି ନ ଥିଲେ। ସଙ୍ଗେ ସଙ୍ଗେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଏନେଇ ଜଣାଇଥିଲେ।

## କାମ କରୁନି ସିସିଟିଭି

ସର୍ଜରି ବିଭାଗ ନିକଟରେ ଲାଗିଥିବା ସିସିଟିଭି କ୍ୟାମେରା କାମ କରୁ ନ ଥିବା ଜଣାପଡ଼ିଛି। ଘଟଣା ସମୟରେ ଏହା ଯଦି ଠିକ୍ ଭାବେ କାର୍ଯ୍ୟ କରିଥାନ୍ତା, ତେବେ ହାଇଦର ଫେରାର ହେବା ବେଳର ଦୃଶ୍ୟ ନିଶ୍ଚିତ ଭାବେ ଉତ୍ତୋଳିତ ହୋଇଥାନ୍ତା। ଏପରି କି ତାଙ୍କୁ ସାକ୍ଷାତ କରିବାକୁ ଆସିଥିବା ଯୁବକଙ୍କୁ ଚିହ୍ନଟ କରିବାରେ ମଧ୍ୟ ସହଜ ହୋଇଥାନ୍ତା। ହାଇଦରଙ୍କ କ୍ୟାବିନ୍‌କୁ ଆସିଥିବା ବ୍ୟକ୍ତିମାନେ କିଏ, ସେମାନଙ୍କୁ କିଏ କ୍ୟାବିନ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦେଲେ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ରିକ୍ସା ଚାଳକରୁ ଗ୍ୟାଙ୍ଗ୍‌ଷ୍ଟର

୯୦ ଦଶକରେ ଆତଙ୍କ ଖେଳାଇଥିଲା କେନ୍ଦ୍ରାପଡାର ଗ୍ୟାଙ୍ଗ୍‌ଷ୍ଟର ଶେଖ୍ ହାଇଦର। ଜଣେ ରିକ୍ସା ଚାଳକରୁ ଗ୍ୟାଙ୍ଗ୍‌ଷ୍ଟର ସାଜିଥିଲେ ହାଇଦର। ଛୋଟମୋଟ ଚୋରିରୁ ହାଇଦର ଅପରାଧ ଦୁନିଆକୁ ଆସିଥିଲେ। ସୁଲେମାନ ସହ ମିଶି ଅପରାଧ ଦୁନିଆରେ ପାଦ ରଖିଥିଲେ। ଟେଣ୍ଡର ଫିକ୍ସିଂ, ହତ୍ୟା, ରାହାଜାନି ଭଳି ଏକାଧିକ ଅପରାଧ ଘଟାଇ ହାଇଦର ସମୟକ୍ରମେ ଗ୍ୟାଙ୍ଗ୍‌ଷ୍ଟର ପାଲଟିଯାଇଥିଲେ।




ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଶନିବାର କଟକ ଜୋବ୍ରାସ୍ଥିତ ମହାନଦୀରେ ଅନୁଷ୍ଠିତ ଜଳ ସତ୍ୟାଗ୍ରହ।

# ମହାନଦୀରେ ଜଳ ସତ୍ୟାଗ୍ରହ

**କଟକ ଅଫିସ/ଖୁଣ୍ଟୁଣୀ/ଆଠଗଡ଼, ୧୦।୪(ଡି.ଏନ.ଏ.),(ସ୍ୱ.ପ୍ର)**

ବିଭିନ୍ନ ଦାବି ନେଇ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଶନିବାର କଟକ ଯୋବ୍ରାସ୍ଥିତ ହନୁମାନ ମନ୍ଦିର ନିକଟ ମହାନଦୀ କୂଳରେ ଜଳ ସତ୍ୟାଗ୍ରହ କରାଯାଇଥିଲା। ଅନ୍ୟପକ୍ଷରେ ଶନିବାର ହେବାକୁ ଥିବା ମହାନଦୀ ଟ୍ରିବ୍ୟୁନାଲ ଶୁଣାଣି ବନ୍ଦ କରି ଆସନ୍ତା ମେ' ୮ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। କରୋନାକୁ ଆଳ କରି ଛତିଶଗଡ ସରକାରଙ୍କ ଅନୁରୋଧ ରକ୍ଷା କରି ଏପରି ପଦକ୍ଷେପ ନିଆଯାଇଛି ବୋଲି ସଂଗଠନର ଆବାହକ ସୁଦର୍ଶନ ଦାସ କହିଛନ୍ତି। ସବୁଜ ମହାନଦୀ ମିଶନ ଏକ ଫମ୍ପା ସ୍ଲୋଗାନରେ ପରିଣତ ହୋଇଛି ବୋଲି ସେ କହିଛନ୍ତି। ମହାନଦୀ ଟ୍ରିବ୍ୟୁନାଲ ଅନ୍ତରୀଣ ଆଦେଶ ଦେବା ସହ କଲମା ବ୍ୟାରେଜ ଗେଟ୍ ଖୋଲି ମହାନଦୀରେ ପାଣି ଆସିବାକୁ ଦିଆଯାଉ, ସବୁଜ ମହାନଦୀ ମିଶନର ଅଗ୍ରଗତି ବିଷୟରେ ରାଜ୍ୟ ସରକାର ଶ୍ୱେତପତ୍ର ପ୍ରକାଶ କରନ୍ତୁ, ମହାନଦୀ ଜମିକୁ ଜବରଦଖଲରୁ ମୁକ୍ତ କରାଯାଉ, ହୀରାକୁଦ ତଳମୁଣ୍ଡରେ ବ୍ୟାରେଜ ନିର୍ମାଣ କରି ଓ ମହାନଦୀ ଅବବାହିକାରେ ଜଳ ସଂରକ୍ଷଣ କରାଯାଉ ଏବଂ ମହାନଦୀକୁ ପ୍ରଦୂଷଣ ମୁକ୍ତ କରାଯାଉ ବୋଲି ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଉକ୍ତ ଦାବି ପୂରଣ ନ ହେଲେ ସଙ୍ଗଠନ ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର କରିବ ବୋଲି ଘୋଷଣା କରିଛି। ଏହି କାର୍ଯ୍ୟକ୍ରମରେ ପ୍ରସନ୍ନ ବିଶୋଇ, ବିଜୟ ପ୍ରଧାନ, ନୀରଦ ଖୁଣ୍ଟିଆ, ପ୍ରଦୀପ ପଟ୍ଟନାୟକ, ଦେବେନ୍ଦ୍ର ସୂତାର, ପ୍ରଭାସିନୀ ରାଉତ, ଅଶୋକ ଠକର, ଜ୍ଞାନଦେବ ବେଉରା, ନଳିନୀ ରାୟ, ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଆଠଗଡ଼ ମହାନଦୀ ବଞ୍ଚାଓ ଆନ୍ଦୋଳନକାରୀଙ୍କ ପକ୍ଷରୁ କଖଡ଼ି ପାଲାତୋଟା ମହାନଦୀ ଘାଟରେ ଜଳ ସତ୍ୟାଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ସୁନୀଲ ସୂତାର, ମଙ୍ଗୁଳି ପାଣି, ପ୍ରଶାନ୍ତ ବେହେରା, ବିକ୍ରମ ରାୟ ସାମନ୍ତ, ସୁଦର୍ଶନ ସାହୁ, ମନୋରଞ୍ଜନ ପଟ୍ଟନାୟକ, ପ୍ରଦୋଷ ସାହୁ, ଅଜୟ ନାଥ ଓ ଶରତ ପ୍ରଧାନ ସାମିଲ ହୋଇଥିଲେ।

## ସିଏମ୍‌ସିର କରୋନା ସଚେତନତା କାର୍ଯ୍ୟକ୍ରମ

- ମାସ୍କ ବାଣ୍ଟି ଲୋକଙ୍କୁ ସଚେତନ କଲେ
- ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ

**କଟକ ଅଫିସ, ୧୦।୪**

କଟକ ସହରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଶନିବାର ସହରର ବିଭିନ୍ନ ସ୍ଥାନରୁ ୩୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ସଚେତନ କରାଯିବା ସହ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ଏହି କ୍ରମରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବକ୍ସିବଜାର, ଚଣ୍ଡିଛକ, ବାଦାମବାଡ଼ି, କଲେଜଛକ ଓ ରେଳଷ୍ଟେଶନ ଆଦି ସ୍ଥାନରେ କରୋନାର ଭୟାବହତା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯିବା ସହ ମାସ୍କ ବଣ୍ଟନ କରାଯାଇଥିଲା। ଏଥିସହ କରୋନା ନିୟମ ଉଲ୍ଲଂଘନକାରୀଙ୍କଠାରୁ ୧୪,୪୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା ବୋଲି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଅଧିକାରୀ ପରେଶ କୁମାର ନାୟକ ସୂଚନା ଦେଇଛନ୍ତି।

## ୮ ଜଣଙ୍କୁ ମିଳିଲା ୧୨ଲକ୍ଷର ଚେକ୍

### ଖପୁରିଆ ଶିଳ୍ପାଞ୍ଚଳରେ ଶ୍ରମିକ ଶୋଷଣର ସମାଧାନ

**କଟକ ଅଫିସ, ୧୦।୪**

କଟକ ଖପୁରିଆ ଶିଳ୍ପାଞ୍ଚଳସ୍ଥିତ ଶୈଳଶ୍ରୀ ଏଣ୍ଟର ପ୍ରାଇଜ୍ କମ୍ପାନୀରେ ୧୯୯୧ ମସିହାଠାରୁ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଶ୍ରମ ଆଇନ ମୁତାବକ କୌଣସି ସୁବିଧା ସୁଯୋଗ ଦିଆଯାଉ ନ ଥିଲା। ଫଳରେ କାର୍ଯ୍ୟରତ କର୍ମଚାରୀମାନେ ଏହାର ପ୍ରତିବାଦ କରିବାରୁ ମାଲିକ ନିଜ କମ୍ପାନୀର ନାମ ବଦଳାଇ 'ପାଟିଦାର ଆଲୟଜ୍ ଓୟାର ପ୍ରାଇଭେଟ୍ ଲିମିଟେଡ୍'ରେ କର୍ମଚାରୀମାନଙ୍କୁ ଖଟାଇ ଶେଷରେ ସେମାନଙ୍କର ପ୍ରାପ୍ୟ ପାଉଣା ନଦେଇ ବେଆଇନ୍ ଭାବେ ୨୦୦୩ ଅଗଷ୍ଟ ୨୨ରେ ଚାକିରିରୁ ବହିଷ୍କାର କରିଥିଲେ। ପରବର୍ତ୍ତୀ ସମୟରେ କର୍ମଚାରୀମାନେ ଶ୍ରମ ଅଫିସ୍‌ରେ ଅଭିଯୋଗ କରିବା ସହ ଭୁବନେଶ୍ୱରସ୍ଥିତ ଶ୍ରମ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ଏହାର ବିଚାର କରିବା ପରେ ୧୪।୯।୨୦୧୧ରେ ୮ ଜଣ ଶ୍ରମିକଙ୍କୁ କାର୍ଯ୍ୟରେ ଯୋଗଦେବା ସହ ପ୍ରାପ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦୁର୍ଭାଗ୍ୟର ବିଷୟ କମ୍ପାନୀ ମାଲିକ ଶ୍ରମିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ସହ ନିଯୁକ୍ତି ଦେଇ ନ ଥିଲେ। ପରେ କର୍ମଚାରୀମାନେ ବାଧ୍ୟ ହୋଇ ପୁନର୍ବାର ଭୁବନେଶ୍ୱରସ୍ଥିତ ଶ୍ରମ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଇତିମଧ୍ୟରେ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ସେମାନଙ୍କ ପ୍ରାପ୍ୟ ନ ମିଳିବାରୁ ଶନିବାର ଏହାର ପ୍ରତିବାଦରେ ଭାରତୀୟ ମଜଦୁର ସଂଘ ସଭାପତି ବସନ୍ତ ସାହୁଙ୍କ ନେତୃତ୍ୱରେ ଖପୁରିଆ ଶିଳ୍ପାଞ୍ଚଳ କର୍ମଚାରୀ ସଂଘ ତରଫରୁ ଉକ୍ତ କମ୍ପାନୀ ସମ୍ମୁଖରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ କମ୍ପାନୀ ନିର୍ଦ୍ଦେଶକ ଚନ୍ଦୁଲାଲ ପଟେଲ ପହଞ୍ଚି ଶ୍ରମିକ ନେତା ସାହୁଙ୍କ ସହିତ ଆଲୋଚନା କରିବା ସହ ୮ ଜଣ ଶ୍ରମିକଙ୍କୁ କ୍ଷତିପୂରଣ ବାବଦରେ ୧୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ସମ୍ମିଳନୀରେ ଜିଲା ସମ୍ପାଦକ ଭାଗିରଥି ବେହେରା, ସନ୍ତୋଷ ଭୂୟାଁ, ପ୍ରଭାତ ଆଚାର୍ଯ୍ୟଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଧାରଣାରେ ବସିଲେ ଛାତ୍ରୀଛାତ୍ର

### ଏସ୍‌ସିବି ନର୍ସିଂ କଲେଜ କର୍ତ୍ତୃପକ୍ଷଙ୍କ ନୋଟିସକୁ ବିରୋଧ

**କଟକ ଅଫିସ,୧୦।୪**

କରୋନା ସଂକ୍ରମଣ ବୃଦ୍ଧି କାରଣରୁ ଏସ୍‌ସିବି ନର୍ସିଂ କଲେଜ ବନ୍ଦ କରିବା ସହ ଶନିବାର ଅପରାହ୍ଣ ୫ଟା ସୁଦ୍ଧା ହଷ୍ଟେଲ ଖାଲି କରିବାକୁ ନୋଟିସ ଜାରି କରାଯାଇଥିଲା। ଏହାକୁ ବିରୋଧକରି କଲେଜ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଥିଲେ। ଯଦି ହଷ୍ଟେଲ ଖାଲି କରିବାକୁ ବାଧ୍ୟ କରାଯାଏ ତେବେ ଫିନାଇଲ ପିଇ ଆତ୍ମହତ୍ୟା କରିବେ ବୋଲି ଛାତ୍ରୀମାନେ ଧମକ ଦେଇଥିଲେ। କଲେଜ ବନ୍ଦ ରହିଲେ ସୁଦ୍ଧା ହଷ୍ଟେଲରେ ରହି ଅନ୍‌ଲାଇନ କ୍ଲାସ୍ କରିବା ପାଇଁ ସେମାନେ ଦାବି କରିଥିଲେ। ନର୍ସିଂ କଲେଜର ପ୍ରିନ୍ସିପାଲ ଛୁଟିରେ ଥିବାବେଳେ ତାଙ୍କ ପକ୍ଷରୁ କିଭଳି ନୋଟିସ ଲଗାଯାଇଛି ତାହାକୁ ନେଇ ଛାତ୍ରୀଛାତ୍ରମାନେ ପ୍ରଶ୍ନ କରିଥିଲେ। ଖବରପାଇ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଲୁସି ଦାସ ଘଟଣାସ୍ଥଳରେ ପହଞ୍ଚି ଧାରଣାରେ ବସିଥିବା ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ନର୍ସିଂ କଲେଜ ଓ ହଷ୍ଟେଲ ବନ୍ଦ ହେବ ନାହିଁ ବୋଲି ଅତିରିକ୍ତ ଜିଲାପାଳ କହିବା ପରେ ଛାତ୍ରୀଛାତ୍ରମାନେ ଧାରଣାରୁ ହଟିଥିଲେ। ସୂଚନାଥାଉ କି, ନର୍ସିଂ କଲେଜ ପ୍ରିନ୍ସିପାଲ ଦାୟିତ୍ୱରେ ଥିବା ବିଜୟଲକ୍ଷ୍ମୀ ଦାସଙ୍କ ବଦଳି ଦାବିରେ ଛାତ୍ରୀଛାତ୍ରମାନେ ଦୀର୍ଘଦିନ ହେବ ଆନ୍ଦୋଳନ କରି ଆସୁଥିଲେ। ତେବେ ପ୍ରିନ୍ସିପାଲ ଅନିର୍ଦ୍ଦିଷ୍ଟ କାଳ ପାଇଁ ଛୁଟିରେ ଯାଇଥିବା ଲୁସି କହିଥିଲେ। ହେଲେ ଶନିବାର ପ୍ରିନ୍ସିପାଲଙ୍କ ପକ୍ଷରୁ ଏହି ନୋଟିସ ଲଗାଯାଇଥିବା ଏହାକୁ ବିରୋଧ କରି ଛାତ୍ରୀଛାତ୍ରମାନେ ଧାରଣାରେ ବସିଥିଲେ। ପ୍ରିନ୍ସିପାଲଙ୍କ ବଦଳି ଉପରେ ଆସନ୍ତା ୨ ଦିନ ମଧ୍ୟରେ ନିଷ୍ପତ୍ତି ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ମିଶ୍ର କହିଥିଲେ। ଏହି ୨ ଦିନ ମଧ୍ୟରେ ନିଷ୍ପତ୍ତି ନିଆ ନ ଗଲେ ପୁନର୍ବାର ଧାରଣା ଦେବୁ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି।



ଏସ୍‌ସିବି ନର୍ସିଂ କଲେଜ ସମ୍ମୁଖରେ ଧାରଣା।



## ସଂକ୍ଷେପରେ

### ୧୬୮ ମାମଲା ଫଇସଲା: ୧.୭୮ କୋଟି ଜରିମାନା ଆଦାୟ

**ଖୋର୍ଦ୍ଧା ଅଫିସ,୧୦।୪:** ଖୋର୍ଦ୍ଧା ସିଭିଲ୍ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ ତଥା ତାଲୁକା ଆଇନ ସେବା କମିଟି ଚେୟାରମ୍ୟାନ ଦିଲୀପ କୁମାର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଲୋକ ଅଦାଲତରେ ୧୬୮ଟି ମାମଲା ଫଇସଲା କରାଯାଇ ୧କୋଟି ୭୮ଲକ୍ଷ ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିରେ ପରିବାର ଅଦାଲତ ଜଜ୍ ସୂର୍ଯ୍ୟ ନାରାୟଣ କର, ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ଅମିୟ କୁମାର ଜେନା, ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ନରେଶ ମହାନ୍ତି, ବରିଷ୍ଠ ଦେୱାନୀ ବିଚାରପତି ଦିଲୀପ କୁମାର ସାହୁ, ଏସ୍‌ଡିଜେଏମ ସୌଦାମିନୀ ସିଂ, ମୁନସିଫ ଜଜ୍ ଜ୍ୟୋତିର୍ମୟୀ ଷଡ଼ଙ୍ଗୀ, ଜେଏମଏଫସି ସ୍ୱାତକି ଦାଶ, ସ୍ପେସାଲ ଜୁଡିସିଆଲ ମାଜିଷ୍ଟ୍ରେଟ ସୁରେନ୍ଦ୍ର କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଆଇନ ସେବା କମିଟିର ସହାୟକ ବସନ୍ତ ଶତପଥୀ ଲୋକ ଅଦାଲତ ପରିଚାଳନା କରିଥିଲେ। ଖୋର୍ଦ୍ଧା ଜିଲା ଓକିଲ ସଂଘ ସଭାପତି ଅଜିତ୍ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ପଟ୍ଟନାୟକ ଏବଂ ଅଦାଲତର କର୍ମଚାରୀ ପରିଚାଳନା କରିଥିଲେ।

### ଅପହୃତା ଯୁବତୀ ଆଲ୍ଲାହାବାଦରୁ ଉଦ୍ଧାର, ଜଣେ ଗିରଫ

**ବାଣପୁର,୧୦।୪(ଡି.ଏନ୍.ଏ.):** ସ୍ଥାନୀୟ ଅଞ୍ଚଳର ଅପହୃତ ଜଣେ ଯୁବତୀଙ୍କୁ ବାଣପୁର ପୋଲିସ ଉତ୍ତର ପ୍ରଦେଶ ଆଲ୍ଲାହାବାଦ ଅଞ୍ଚଳରୁ ଉଦ୍ଧାର କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅବିନାଶ ସିଂ। ପ୍ରକାଶ ଯେ, ବାଣପୁର ଥାନା ଅଞ୍ଚଳର ଏହି ଯୁବତୀ ୨ମାସ ପୂର୍ବେ ନିଖୋଜ ହୋଇଥିଲେ। ଏନେଇ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହେବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲା। ଗତ ସୋମବାର ଅପରାହ୍ନରେ ଯୁବତୀ ଜଣକ ଏକ ଭିଡିଓ ଭାଇଙ୍କ ମୋବାଇଲକୁ ପଠାଇଥିଲେ। ସେଥିରେ ତାଙ୍କୁ ଅପହରଣ କରାଯାଇଥିବା ଓ ଏଠାରୁ ନେଇଯିବାକୁ ନିବେଦନ କରିଥିଲେ। ଏହି ଭିଡିଓ କ୍ଲିପକୁ ପରିବାର ଲୋକେ ଥାନାଧିକାରୀ ସଞ୍ଜୟ ପଟ୍ଟନାୟକଙ୍କୁ ଦେଇଥିଲେ। ଝିଅକୁ ଫେରାଇ ଆଣିବା ଲାଗି ପୋଲିସ ନିକଟରେ ପରିବାର ଲୋକେ ନିବେଦନ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ଚାରିଜଣିଆ ସ୍ୱତନ୍ତ୍ର ପୋଲିସ ଟିମ୍ ଆଲ୍ଲାହାବାଦ ଅଭିମୁଖେ ଯାତ୍ରା କରିଥିଲା। ସେଠାର ଏକ ବନ୍ଦ ଘରୁ ଯୁବତୀଙ୍କୁ ଉଦ୍ଧାର କରିବା ସହ ଅବିନାଶଙ୍କୁ ଗିରଫ କରିଥିଲା।

### ୨ ପିତ୍ତଳ ମୂର୍ତ୍ତି ଉଦ୍ଧାର

**ଭୁବନେଶ୍ୱର, ୧୦।୪(ବ୍ୟୁରୋ):** ତମାଣ୍ଡୋ ଜଗନ୍ନାଥ ମନ୍ଦିରରେ କେହି ଅଜଣା ବ୍ୟକ୍ତି ୨ ପିତ୍ତଳ ମୂର୍ତ୍ତି ଛାଡି ଯାଇଥିବାବେଳେ ଶନିବାର ପୋଲିସ ଉଦ୍ଧାର କରିଛି। ସୂଚନା ଅନୁସାରେ, ଶନିବାର ସକାଳ ୮ଟାରେ ତମାଣ୍ଡୋ ଜଗନ୍ନାଥ ମନ୍ଦିରରେ ପୂଜକ ପ୍ରଫୁଲ୍ଲ ମହାପାତ୍ରଙ୍କ ସ୍ତ୍ରୀ ପ୍ରତିମା ମହାପାତ୍ର ଗୋଟିଏ ନାରାୟଣ ଓ ଗୋଟିଏ ଲକ୍ଷ୍ମୀ ପିତ୍ତଳ ମୂର୍ତ୍ତି ଦେଖିବାକୁ ପାଇଥିଲେ। ପରେ ସେ ଥାନାକୁ ଖବର ଦେବାରୁ ପୋଲିସ ୨ ମୂର୍ତ୍ତିକୁ ଉଦ୍ଧାର କରିଥିଲା। ୫ କିଲୋ ୭୦୦ ଗ୍ରାମ ଓଜନର ନାରାୟଣ ପିତ୍ତଳ ମୂର୍ତ୍ତିର ଉଚ୍ଚତା ୨ଫୁଟ ୧୦ଇଞ୍ଚ ହୋଇଥିବାବେଳେ ଲକ୍ଷ୍ମୀ ପିତ୍ତଳ ମୂର୍ତ୍ତିର ଓଜନ ୪ କିଲୋ ୮୩୦ଗ୍ରାମ ଓ ଉଚ୍ଚତା ୨ଫୁଟ ୪ ଇଞ୍ଚ।

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ପୁରୁଣା ଭୁବନେଶ୍ୱର,୧୦।୪(ଡି.ଏନ୍.ଏ.):** ଏକାମ୍ର ନିର୍ବାଚନ ମଣ୍ଡଳୀରେ ଶନିବାର ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ଲିଙ୍ଗିପୁର ପଞ୍ଚାୟତର ସନ୍ଥ ବିହାର ଗୋଷ୍ଠୀ ଗୃହର ଉଦ୍‌ଘାଟନ ହୋଇଥିବାବେଳେ ଲିଙ୍ଗିପୁର ମହାନ୍ତିସାହି ଡ୍ରେନର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ନାଥପୁର ଗୋଷ୍ଠୀ ଗୃହ, ମଲ୍ଲିକ ସାହି ଡ୍ରେନ, ଭାଗବତ ବାସୁଦେବ ଗୋଷ୍ଠୀ ଗୃହ, ପଟାସାହି କଂକ୍ରିଟ ରାସ୍ତା, ଶ୍ରୀ ଜଗନ୍ନାଥ ବିହାର କଂକ୍ରିଟ ରାସ୍ତା, ବଳରାମ ବିହାର କଂକ୍ରିଟ ରାସ୍ତା, ଆଇଜି କଲୋନୀ କଂକ୍ରିଟ ରାସ୍ତା ଓ ଗୋଷ୍ଠୀ ଗୃହର ପାଚେରି ନିର୍ମାଣ, ମୃତ୍ୟୁଞ୍ଜୟ ବିହାର କଂକ୍ରିଟ ରାସ୍ତାର ଶିଳାନ୍ୟାସ କରାଯାଇଥିଲା। ସମସ୍ତ ପ୍ରକଳ୍ପ ପ୍ରାୟ ୮୦ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ଦିପ୍ତୀମୟୀ ସୁନ୍ଦରାୟ, ସରପଞ୍ଚ ରିନାରାଣୀ ବେହେରା, ସୁବାସ ସୁନ୍ଦରାୟ, ଅକ୍ଷୟ ସ୍ୱାଇଁ, କ୍ଷୀରୋଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# କାଠ ଚୋରି ପାଇଁ ଜଙ୍ଗଲରେ ନିଆଁ

**ବାଲୁଗାଁ,୧୦।୪(ଡି.ଏନ୍.ଏ.)**


ବରବରା ଜଙ୍ଗଲରେ ଲାଗିଥିବା ନିଆଁ।


ଗିରଫ ୩ ଅଭିଯୁକ୍ତ।

- ୩ ଅଭିଯୁକ୍ତ ଗିରଫ
- ୨ ସାଇକେଲ, ୫୦ହଜାର ଟଙ୍କାର କାଠ ଜବତ

ଖୋର୍ଦ୍ଧା ଜିଲା ବାଲୁଗାଁ ବନ ବିଭାଗ ଅଧୀନ ବରବରା ଜଙ୍ଗଲରେ ନିଆଁ ଲଗାଇ ମୂଲ୍ୟବାନ କାଠ ଚୋରି ଉଦ୍ୟମ ବେଳେ ୩ଜଣ ବନ କର୍ମଚାରୀଙ୍କ ହାତରେ ଧରାପଡ଼ିଛନ୍ତି। ଗିରଫ ଅଭିଯୁକ୍ତ ହେଲେ କଟୁଆଳ ଗ୍ରାମର ପ୍ରଦୀପ ଶବର(୨୮), ସନିଆ ଶବର(୧୯) ଏବଂ ଖାରିଆପଲ୍ଲୀ ଗ୍ରାମର ଡମ୍ବରୁ ଶବର(୨୨)। ଏମାନଙ୍କ ନିକଟରୁ ୨ଟି ସାଇକେଲ ସମେତ ୬ଟି ଶାଗୁଆନ ଲଗ୍ ଜବତ ହୋଇଛି। ଜବତ କାଠର ମୂଲ୍ୟ ୫୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ବନ ବିଭାଗରେ ଏକ ମାମଲା (ନଂ.୧/୨୧) ରୁଜୁ କରାଯାଇ ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ସୂଚନା ମୁତାବକ, ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଚୋରମାନେ ଅଭିନବ ଉପାୟରେ ଜଙ୍ଗଲରେ ନିଆଁ ଲଗାଇ ମୂଲ୍ୟବାନ କାଠ ଚୋରି କରୁଛନ୍ତି। କିଛି ଦିନ ହେବ ଶାଳ, ଶାଗୁଆନ ସଂରକ୍ଷିତ ବରବରା ଜଙ୍ଗଲର ବଭିନ୍ନ ସ୍ଥାନରେ କୌଣସି କାରଣ ନେଇ ନିଆଁ ଲାଗୁଥିଲା। ତେବେ କେହି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇ କାଠ ଚୋରି କରୁଥିବା ବନ ବିଭାଗକୁ ଖବର ମିଳିଥିଲା। ବାଲୁଗାଁ ବନ ବିଭାଗ କାଠ ଚୋରଙ୍କ ଉପରେ କଡ଼ା ନଜର ରଖିଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ବରବରା ଅଧୀନ କଟୁଆଳ ଜଙ୍ଗଲରେ ଗୋଟିଏ ପାର୍ଶ୍ୱରେ ନିଆଁ ଲଗାଇ ଅପରପାର୍ଶ୍ୱରୁ ଶାଗୁଆନ ଗଛ କାଟି ଚୋରି ବେଳେ ୩ଜଣ ବନ କର୍ମଚାରୀଙ୍କ ହାତରେ ଧରାପଡ଼ିଥିଲେ। ବାଲୁଗାଁ ବନ ବିଭାଗ ଅଧିକାରୀ ପ୍ରତାପ ମହାନ୍ତିଙ୍କ ନେତୃତ୍ୱରେ କର୍ମଚାରୀ ବିଶ୍ୱଜିତ୍ ପ୍ରଧାନ, ଜ୍ୟୋତିରଞ୍ଜନ ସାହୁ, ସୌମ୍ୟ ରଞ୍ଜନ ବେହେରା, ଦୁଃଶାସନ ନାୟକ, ଜଙ୍ଗଲ ସୁରକ୍ଷା କମିଟିର ଉପେନ୍ଦ୍ର ଜାନି, କ୍ଷିତିଶ ଦାସ ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ସୂଚନାଥାଉ କି, ଗତ ୧ ତାରିଖରେ ଅନୁରୂପ ଭାବେ ଏହି ବନ ଭିଭାଗ ଅଧୀନ ଅରାଙ୍ଗ ଓ ବରବରା ଜଙ୍ଗଲରେ ନିଆଁ ଲଗାଇ ବନ୍ୟଜନ୍ତୁ ଶିକାର କରୁଥିବା ବେଳେ ବନ କର୍ମଚାରୀମାନେ ୪ଜଣ ଶିକାରୀଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ, ୫୦ଟି ଗୁଳି ଜବତ କରାଯାଇଥିଲା।

## ପରୀକ୍ଷାଫଳ ବିଳମ୍ବ ନେଇ ଛାତ୍ରୀଛାତ୍ରଙ୍କ ଧାରଣା

**ଖୋର୍ଦ୍ଧା ଅଫିସ,୧୦।୪**


ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ଏମଏସସି କମ୍ପ୍ୟୁଟର ସାଇନ୍ସ ବିଭାଗର ଛାତ୍ରୀଛାତ୍ରଙ୍କ ମାର୍କଶିଟ ଏବଂ ପରୀକ୍ଷା ଫଳ ପ୍ରକାଶ ନ ପାଇବା ପ୍ରତିବାଦରେ କଲେଜ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ଆଗରେ ଶନିବାର ଧାରଣା ଦେଇଥିଲେ। ଏନେଇ କଲେଜ ଅଧ୍ୟକ୍ଷାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ ପିଲାଙ୍କ ସମସ୍ୟା ସମାଧାନ ପ୍ରତିଶ୍ରୁତି ପରେ ଛାତ୍ରୀଛାତ୍ରମାନେ ଧାରଣାରୁ ଓହରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଏହି ବିଭାଗରେ ୨୨ଜଣ ଛାତ୍ରୀଛାତ୍ର ୨୦୧୮ରେ ନାମ ଲେଖାଇଥିଲେ। ଗତ ସେପ୍ଟେମ୍ବରରେ ଅନଲାଇନ ମାଧ୍ୟମରେ ପରୀକ୍ଷା ଦେଇଥିଲେ। ପରୀକ୍ଷା ବାବଦ ଅର୍ଥ କଲେଜରେ ଡିପୋଜିଟ କରିଥିଲେ। ତେବେ ପରୀକ୍ଷା ସରିବାର ୬ମାସ ପରେ ମଧ୍ୟ ପରୀକ୍ଷା ଫଳ ପ୍ରକାଶରେ ବିଳମ୍ବ ଘଟିବା ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। କେତେଜଣ ଛାତ୍ରୀଛାତ୍ର କହିଛନ୍ତି, ଏନେଇ ପୂର୍ବରୁ ବହୁବାର ବିଭାଗୀୟ ମୁଖ୍ୟ ଏବଂ କଲେଜ ଅଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହା ସତ୍ତ୍ୱେ କଲେଜ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଫଳରେ ଧାରଣାରେ ବସିବାକୁ ନିଷ୍ପତ୍ତି ନେଇଥିଲୁ। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷା ରଞ୍ଜିତା ସେଠୀ କହିଛନ୍ତି, କୌଣସି କାରଣ ବଶତଃ ପିଲାଙ୍କ ପରୀକ୍ଷା ଫଳ ପ୍ରକାଶ ଏବଂ ସାର୍ଟିଫିକେଟ ପ୍ରଦାନରେ ବିଳମ୍ବ ଘଟିଛି। ଏନେଇ ଆଲୋଚନା ଚାଲିଛି। ଖୁବଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ। ଅନ୍ୟପଟେ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳାକୁ କେତେଜଣ ଅଭିଭାବକ ଦାୟୀ କରିଛନ୍ତି।

## ତଣ୍ଡ ଗଣିଲେ ଅମାନିଆ

**କୃଷ୍ଣପ୍ରସାଦ/ନିରାକାରପୁର, ୧୦।୪(ଡି.ଏନ୍.ଏ.)**

କରୋନା ସଂକ୍ରମଣ ରୋକିବା ନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇଛି। ଶନିବାର କୃଷ୍ଣପ୍ରସାଦ ଆଇ ଆଇସି. ଦିଲୀପ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାରିଛକ, କୃଷ୍ଣପ୍ରସାଦ, ଜହ୍ନିକୁଦା ଜେଟି, ମାଲୁଦ ଆଦି ଛକରେ ଥିବା ଦୋକାନୀଙ୍କୁ ମାକ୍ସ ପିନ୍ଧିବା, ଗ୍ରାହକ ମାକ୍ସ ନ ପିନ୍ଧିଥିଲେ ସାମଗ୍ରୀ ନ ଦେବା, ସାମାଜିକ ଦୂରତ୍ୱ ରକ୍ଷା କରି ବ୍ୟବସାୟ କରିବାକୁ ସଚେତନ କରିଥିଲେ। ରାସ୍ତାରେ ଯାଉଥିବା ଯାତ୍ରୀ, ଜନସାଧାରଣଙ୍କୁ ମାସ୍କ ପିନ୍ଧିବା ପାଇଁ କହିଥିଲେ। ଏଥିସହ ଯେଉଁମାନେ ମାସ୍କ ପିନ୍ଧି ନ ଥିଲେ ଜରିମାନା ଆଦାୟ କରାଯାଇଥିଲା। ସେହିପରି ଜଙ୍କିଆ ପୋଲିସ ପକ୍ଷରୁ ମାସ୍କ ଚେକିଂ ଜୋରଦାର କରାଯାଇଥିଲା। ଏଥିରେ ୧୦ଜଣ ଅମାନିଆଙ୍କ ଠାରୁ ୨୦୦ଟଙ୍କା ଲେଖାଏ ୨୦୦୦ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

## କରଡ଼ାପଲ୍ଲୀକୁ ହରାଇ ଫାଇନାଲରେ ଭୁବନେଶ୍ୱର


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ଖୋର୍ଦ୍ଧା ଅଫିସ,୧୦।୪**

କେରଙ୍ଗ ଅହମଦୀୟା ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। କେଏଫସି କରଡ଼ାପଲ୍ଲୀକୁ ୧-୦ ଗୋଲରେ ହରାଇ ଲୁବନା ଏଫସି ଭୁବନେଶ୍ୱର ବିଜୟୀ ହେବା ସହ ଫାଇନାଲକୁ ପ୍ରବେଶ କରିଥିଲା। ପ୍ରଫୁଲ୍ଲ କୁମାର ବେହେରା, ଗିରୀଶ ଚନ୍ଦ୍ର ଜାନି, ସଖାୱତ ଖାଁ, ସଗିର ଅହମଦ ଏବଂ ଅମଜାଦ ଖାଁ ମ୍ୟାଚ୍ ପରିଚାଳନା କରିଥିଲେ। ଖୋର୍ଦ୍ଧା ଓ ନୟାଗଡ଼ ଅହମ୍ମଦୀୟା ମୁସଲିମ ସଙ୍ଗଠନ ସଭାପତି ମହମ୍ମଦ ନୁରୁଦ୍ଦିନ ଅମିନ, ମଲ୍ଲିପୁର ସରପଞ୍ଚ ବିଜୟ ଦାସ, ମୁନିରୁଦ୍ଦିନ ଖାଁ, ନିପେନ୍ଦ୍ର ଦାସ, ଭବାନୀ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର ଏସଏସଏ ଶରଧାପୁର ସହ ଲୁବନା ଏଫସି ଭୁବନେଶ୍ୱର ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ଏବିଭିପି ପକ୍ଷରୁ ପ୍ରତିଯୋଗିତା

**ଖୋର୍ଦ୍ଧା ଅଫିସ,୧୦।୪**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଖୋର୍ଦ୍ଧା ନଗର ପକ୍ଷରୁ ଓଡ଼ିଆ ନବବର୍ଷ ଉପଲକ୍ଷେ ଶନିବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଖୋର୍ଦ୍ଧାଠାରେ ଏକ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଜିଲାର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ହଳଦିଆ ମହାବିଦ୍ୟାଳୟ, ଜଟଣୀ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପକ ଶିବପ୍ରସାଦ ପାଢ଼ୀ, ଡ.ଧୀରେନ୍ଦ୍ର ନନ୍ଦ, ଆଇନଜୀବୀ ଅଜିତ ପଟ୍ଟନାୟକ, ସରୋଜ ପାଲଟାସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଏକାଠି ହେଲେ ୪୦ଗାଁର ଠାକୁର


ଜଟଣୀସ୍ଥିତ କୁଦିଆରୀ ଦଶଦୋଳ ମେଳଣରେ ଠାକୁରଙ୍କୁ ନିଆଯାଉଛି।

**ଜଟଣୀ,୧୦।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀର କୁଦିଆରୀ ଦଶଦୋଳ ମେଳଣ କୋଭିଡ୍ କଟକଣା ମଧ୍ୟରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି ମେଳଣରେ ଥାନପତି ପତିତପାବନ ଦେବ ଏବଂ ଚନ୍ଦ୍ରଶେଖର ଦେବଙ୍କ ନିକଟରେ ପ୍ରଥମେ ଆଟିକା ଭୋଗ ଲାଗି ହୋଇଥିଲା। ପ୍ରାୟ ୪୦ ଗାଁର ଠାକୁର ବିମାନରେ ବିରାଜିତ ହୋଇ ହରିହର ଭେଟରେ ଏକତ୍ରିତ ହୋଇଥିଲେ। କଟକଣା ମଧ୍ୟରେ ଠାକୁରଙ୍କ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ପାରମ୍ପରିକ ବାଦ୍ୟ ଏବଂ ସୁବାସିତ ପୁଷ୍ପ ପକାଇ ଠାକୁରଙ୍କ ହରିହର ଭେଟ ଅନୁଷ୍ଠିତ ହୋଇଥିଲା। ପରେ ଠାକୁରମାନେ ସ୍ୱ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପତିତପାବନ ଦେବ ଏବଂ ଚନ୍ଦ୍ରଶେଖର ଦେବଙ୍କ ନିକଟରେ ଅଧରପଣା ଲାଗି କରାଯାଇଥିଲା। ଏହି ଅଧରପଣା ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା। ଶନିବାର ସକାଳୁ ଭକ୍ତ ମେଳଣ ପଡିଆରେ ସମାଗମ ହୋଇଥିଲେ। ସମସ୍ତ ଭକ୍ତ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ରକ୍ଷା କରି ଠାକୁରଙ୍କ ଉପରେ ଫଗୁ ପରିବର୍ତ୍ତେ ଫୁଲ ପକାଇଥିଲେ। କୁଦିଆରୀ ଦଶଦୋଳ ମେଳଣ କମିଟି ସମ୍ପାଦକ ଲୁଥେନ ରାଏ, କୃଷ୍ଣମୋହନ ମହାନ୍ତି, ଦିଲୀପ ବଳିୟାରସିଂ, କେଳା ଜେନା, ପ୍ରକାଶ ମହାପାତ୍ର, ବିକ୍ରମ ମହାପାତ୍ର ପରିଚାଳନା କରିଥିଲେ।

## ଶରଧାପୁର ୧୪ଦୋଳ ମେଳଣ ଆରମ୍ଭ

**ଖୋର୍ଦ୍ଧା ଅଫିସ,୧୦।୪**

ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳରେ କୋଭିଡ୍ କଟକଣାରେ ନିରାଡମ୍ବର ଭାବେ ମେଳଣ ଉତ୍ସବ ଆୟୋଜନ କରାଯାଉଛି। ଶନିବାର ଠାରୁ ଶରଧାପୁର ବାଲୁଙ୍କେଶ୍ୱରଙ୍କ ମହାଦେବଙ୍କ ୧୪ଦୋଳ ମେଳଣ ଆରମ୍ଭ ହୋଇଛି। ଦୋଳ ପୂର୍ଣ୍ଣିମୀ ଠାରୁ ଚତୁର୍ଦ୍ଦଶୀ ତିଥିରେ ୧୪ମେଳଣ ଅନୁଷ୍ଠିତ ହୋଇଥାଏ। ଏହା ୩ଦିନ ଧରି ଚାଲିଥାଏ। ଶୁକ୍ରବାର ରାତିରେ ପ୍ରଥମେ ଥାନପତି ବାଲୁଙ୍କେଶ୍ୱର ମହାଦେବ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରି ମେଳଣ ପଡିଆରେ ବିଜେ କରିଥିଲେ। ଜାଗୁଳେଇପାଟଣା ରାଧାକୃଷ୍ଣ ଦେବ, ପାନବରଜ ବାଲୁଙ୍କେଶ୍ୱର, ଟାଙ୍ଗିଆପଡାର କେଦାରଶ୍ୱର ଦେବ, ଗୋପିପୁରିଆ ପାଟପୁର ରାଧାକୃଷ୍ଣଦେବ, ବେରୁହାର ଭଗବତ ବାସୁଦେବ, ନାଳିପଡା ଅର୍ଜୁନପୁରର ଭଗବତ ବାସୁଦେବ, ଶରଧାପୁର ଭଗବତ ବାସୁଦେବ, ଚମ୍ପାପୁର ନିଆଳର ରାଧାକୃଷ୍ଣଦେବ, ବୋତଲମା ଭଗବତ ବାସୁଦେବ, ଗଡନିଆଳର କେଦାରଶ୍ୱର ଦେବ, ହଳଦିପଦା ମଲ୍ଲିକେଶ୍ୱର ଦେବ, ଗଡ଼ତରଡୁଆ ନୂଆସାହିର ରାଧାଗୋବିନ୍ଦ ଦେବ, ଶରଧାପୁର ବାରିକ ସାହିର ଭଗବତ ବାସୁଦେବ, ଗୋପାଳ ସାହିର ରାଧାକୃଷ୍ଣ ଏବଂ ଭାଲିଆବାଡି ସାନପଲ୍ଲୀର ରାଧାକୃଷ୍ଣ ଦେବ ମେଳଣ ପଡିଆରେ ବିଜେ କରିବେ ବୋଲି ଶରଧାପୁର ଗ୍ରାମ୍ୟ କମିଟି ସଭାପତି ଲକ୍ଷ୍ମୀଧର ବଡ଼ଜେନା କହିଛନ୍ତି। ୧୩ ତାରିଖରେ ଶ୍ରୀଜୀଉମାନେ ସ୍ୱ ସ୍ଥାନକୁ ପ୍ରତ୍ୟାଗମନ କରିବେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିଜୟଲକ୍ଷ୍ମୀ


@ ଇମ୍ତାଜ


@ ପ୍ରଦୀପ


@ ସତ୍ୟଞ୍ଜୟ


@ ସ୍ମୃତିରଞ୍ଜନ


@ ସାକ୍ଷୀ


@ ବଳରାମ

## ଜୀବନ ସହ ସଂଘର୍ଷ କରୁଛନ୍ତି ସୋନାଲି

**କୃଷ୍ଣପ୍ରସାଦ,୧୦।୪(ଡି.ଏନ୍.ଏ.)**

- ଦୁଇ କିଡ୍‌ନୀ ନଷ୍ଟ
- ଚିକିତ୍ସାରେ ବାଧକ ସାଜିଛି ଅର୍ଥ



ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବୁଦ୍ଧିବର ପଞ୍ଚାୟତ ଅଧୀନ ଖୋଲଗଞ୍ଚ ଗ୍ରାମର ସୁଦାମ ଚରଣଙ୍କ ଝିଅ ସୋନାଲୀ ଦାସ(୮)। ଗତ ୩ବର୍ଷ ସୋନାଲିଙ୍କ ଦୁଇଟି କିଡ୍‌ନୀ ନଷ୍ଟ ହୋଇଯାଇଥିବାରୁ ଜୀବନ ସହ ସଂଘର୍ଷ କରୁଛନ୍ତି। ବ୍ରହ୍ମପୁର, କଟକ, ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ସୋନାଲିଙ୍କ ଚିକିତ୍ସା କରାଯାଇଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ତେବେ ପରିବାର ଲୋକେ ରଖିଥିବା ସଞ୍ଚିତ ଟଙ୍କା ସୋନାଲିଙ୍କ ଚିକିତ୍ସାରେ ଖର୍ଚ୍ଚ କରି ସାରିଲେଣି। ପୁଟପର୍ତ୍ତିର ସତ୍ୟସାଇ ଚିକିତ୍ସାଳୟକୁ ଯାଇଥିଲେ ମଧ୍ୟ ସେଠାରେ ନିରାଶରେ ଫେରିଥିଲେ। ଏବେ ଅର୍ଥାଭାବ ଯୋଗୁ ତାଙ୍କ ଚିକିତ୍ସାରେ ବାଧକ ସାଜିଛି। ସୋନାଲିଙ୍କୁ ମାଲୁଦ ପଞ୍ଚମୁଖି ମନ୍ଦିରରେ ଶୁଆଇଦେଇ ଆରୋଗ୍ୟ ପାଇଁ ପରିବାରଲୋକେ ଠାକୁରଙ୍କୁ ଆକୁଳ ନିବେଦନ କରୁଛନ୍ତି। ଅନ୍ୟପଟେ ସୋନାଲିଙ୍କ ଶରୀର ଦିନକୁ ଦିନ ଫୁଲିବାକୁ ଲାଗିଛି।ତାଙ୍କ ଦେହକୁ କେହି ଛୁଇଁଲେ କଷ୍ଟ ହେଉଛି ବୋଲି ସୋନାଲି କହିଛନ୍ତି। ପ୍ରତିଦିନ ଔଷଧ, ଇନଜେକ୍ସନ ପାଇଁ ପାଖରେ ଟଙ୍କାଟିଏ ନାହିଁ । ପ୍ରଶାସନ କିମ୍ବା କେହି ବ୍ୟକ୍ତି ସାହର୍ଯ୍ୟ କଲେ ଝିଅର ଚିକସା କରାଇବେ ବୋଲି ସୁଦାମଚରଣ କହିଛନ୍ତି।

## ସ୍ତ୍ରୀଙ୍କୁ ମାଡ଼ମାରି ସ୍ୱାମୀ ଜେଲ ଗଲେ

ଗୋପ,(ଡି.ଏନ୍.ଏ.)- ଦ୍ୱିତୀୟ ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ନୟାହାଟ ଫାଣ୍ଡି ପୋଲିସ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର କାଣ୍ଡିଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। କୋର୍ଟ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରି ଜେଲ ହାଜତକୁ ପଠାଇଛନ୍ତି। ଏ ନେଇ ଗୋପ ଥାନାରେ ମାମଲା (ନଂ.୧୪୬/୨୧) ରୁଜୁ କରିଛି। ନୟାହାଟ ନିପାଣିଆ ଭୋଇସାହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ୧୯୯୯ରେ ବିବାହ କରିଥିବାବେଳେ ପ୍ରଥମ ସ୍ତ୍ରୀଙ୍କୁ ମାଡ଼ ମାରି ଘରୁ ବାହାର କରିଦେଇଥିଲେ। ପରେ ପୂର୍ଣ୍ଣଚନ୍ଦ୍ର ପ୍ରମିଳାଙ୍କୁ ଦ୍ୱିତୀୟ ବିବାହ କରି ମଧ ମାରଧର କରିବାରୁ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।




୧୦.୦୪.୨୦୨୧

| ୩,୦୫,୦୬୯ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

### ଆଜି କ'ଣ କେଉଁଠି

**ପୁରୀ**

- ରାଜ୍ୟସ୍ତରୀୟ ଟୁଇଟର କର୍ମକର୍ତ୍ତା ମହାଧିବେଶନ ଓ କର୍ମଶାଳା, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ସକାଳ ୧୦ଟା ।

### ସଂକ୍ଷେପରେ

#### ମାସ୍କ ଚେକିଂ: ୪୦ ଗାଡ଼ିରୁ ୪,୦୦୦ ଫାଇନ

ପିପିଲି,୧୦।୪(ଡି.ଏନ୍.ଏ.)- ଦିନକୁ ଦିନ କରୋନା ସଂକ୍ରମିତ ସଂଖ୍ୟା ବଢ଼ି ଚାଲିଥିବାବେଳେ ରାଜ୍ୟ ସରକାର ମାସ୍କ ପିନ୍ଧିବା ନେଇ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ରାଜ୍ୟର ସବୁ ଥାନାରେ ଏବେ କଡ଼ାକଡ଼ି ଯାଞ୍ଚ ପାଇଁ ନିର୍ଦ୍ଦେଶ ରହିଛି। ଏହି ଅବସରରେ ପିପିଲି ପୋଲିସ ଶନିବାର ମାସ୍କ ବ୍ୟବହାର କରି ନ ଥିବା ୪୦ଜଣ ଅମାନିଆଙ୍କଠାରୁ ୪ହଜାର ଟଙ୍କା ଜରିମାନା ଆଦାୟ କରିଛି। ପିପିଲି ହାଟ ଛକ ଏବଂ ଚାନ୍ଦୁଆ ଛକରେ ବିଭିନ୍ନ ସମୟରେ ଯାଇ ଆଇଆଇସି ଗୌରାଙ୍ଗଚରଣ ପୃଷ୍ଟି ଏବଂ ଏସ୍ଆଇ ସୁରମା ସ୍ୱାଇଁ ଏହି ଚେକିଂ କାର୍ଯ୍ୟ କରିଥିଲେ। ନିର୍ଦ୍ଦେଶ ଅନୁଯାୟୀ, ପ୍ରଥମେ ସମସ୍ତଙ୍କଠାରୁ ଅତି କମ୍ ଜରିମାନା ମାତ୍ର ୧୦୦ ଟଙ୍କା ରଖାଯାଇଛି। ପ୍ରଥମ ଭୁଲ ପରେ ଯଦି କେହି ବ୍ୟକ୍ତି ନ ମାନି ପୁଣି ଭୁଲ କଲେ ଫାଇନ ସ୍ୱରୂପ ୫ହଜାର ଟଙ୍କା ପଡିବ ବୋଲି ଆଇଆଇସି ପୃଷ୍ଟି ସୂଚନା ଦେଇଛନ୍ତି।

#### ଆକ୍ରମଣ ଅଭିଯୋଗରେ ୨ ଗିରଫ

ପୁରୀ ଅଫିସ,୧୦।୪- ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ବାସେଲୀ ସାହି ଥାନା ପୋଲିସ ଶନିବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଗୋଖା ସାହିର ଦିବ୍ଯନା ବେହେରା ଏବଂ ମହାବୀର ବେହେରା। ଏ ନେଇ ପୋଲିସ ମାମଲା (ନଂ.୫୮/୨୧) ରୁଜୁ କରିଛି । ସୂଚନା ଅନୁଯାୟୀ, ଶୁକ୍ରବାର ଗୋଖା ସାହିର କାଲୁଆ ବେହେରା ଛକ ନିକଟରେ ଠିଆ ହୋଇଥିଲେ। ସେହି ସାହିର ୪ଜଣ ଯୁବକ ଆସି କୌଣସି କାରଣକୁ ନେଇ ତାଙ୍କୁ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ କାଲୁଆଙ୍କ ମା' ଲତା ଥାନାରେ ଅଭିଯୋଗ କରିଥିଲେ। ଲତାଙ୍କ ଅଭିଯୋଗ ନେଇ ପୋଲିସ ତଦନ୍ତ କରି ଶନିବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ।

# ଅଜିତଙ୍କ ପାଇଁ ହେଭିୱେଟ ନେତାଙ୍କ ପ୍ରଚାର

ପିପିଲି,୧୦।୪(ସ୍ୱ.ପ୍ର./ଡି.ଏନ୍.ଏ.)

ଉପନିର୍ବାଚନ ପାଇଁ ଘଡି ସନ୍ଧି ମୁହୂର୍ତ୍ତରେ ଏବେ ପିପିଲି ଡେଲାଙ୍ଗ ରାଜନୀତି। ସମୟ କମ୍ ଥିବାରୁ ଜୋରସୋରରେ ଚାଲିଛି ପ୍ରାର୍ଥୀମାନଙ୍କ ପ୍ରଚାର। କଂଗ୍ରେସ ବିଧାୟକ ପ୍ରାର୍ଥୀ ଅଜିତ ମଙ୍ଗରାଜ ଅସୁସ୍ଥ ଥିବାରୁ ତାଙ୍କ ପାଇଁ ମଇଦାନକୁ ଓହ୍ଲାଇଛନ୍ତି ରାଷ୍ଟ୍ରୀୟ ନେତା ରୁଦ୍ର ରାଜୁ। ତାଙ୍କ ସହ ରାଜ୍ୟର ବହୁ ହେଭିୱେଟ ନେତା ଆସି ଗାଁ ଗାଁ ବୁଲି ନିଜ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଭୋଟରମାନଙ୍କୁ ନିବେଦନ କରୁଛନ୍ତି। ଶନିବାରର ମାରାଥନ ପ୍ରଚାର ବେଳେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଚିରଞ୍ଜୀବ ବିଶ୍ୱାଳ, ବିଧାୟକ ତାରାପ୍ରସାଦ ବାହିନୀ ପତି, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, କଟକ ନଗର କଂଗ୍ରେସ ସଭାପତି ମାନସ ଚୌଧୁରୀ, ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର, ବନ୍ଦିତା ପରିଡ଼ା, ଗଣେଶ୍ୱର ବେହେରା ପ୍ରମୁଖ ଉତ୍ତରାଠାରୁ ଏକ ବିଶାଳ ବାଇକ ରାଲି କରିଥିଲେ। ପ୍ରଥମେ ପ୍ରଚାରରେ ଆସିଥିବା ସମସ୍ତ ଅତିଥିଙ୍କୁ ସ୍ୱାଗତ କରାଯାଇ କଂଗ୍ରେସ ବ୍ଲକ ସଭାପତି ଜିତୁ ପ୍ରକାଶ ପରିଡା ଓ ଡେଲାଙ୍ଗ ସଭାପତି ରବି ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପିପିଲି ଚାନ୍ଦୁଆ ବଜାର ପରିକ୍ରମା କରି ପିପିଲି ହାଟଛକ ଦେଇ ଦାନଗହୀର ଯାଇଥିଲେ। ସେଠାରୁ ହାଟସାହି, ବଜପୋଇ ଦେଇ ଦାଣ୍ଡମକୁନ୍ଦପୁର, କୁଳଶେଖରପାଟଣା ଗ୍ରାମ ଉତ୍ତରାଣୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ବାଟରେ କଂଗ୍ରେସର ବରିଷ୍ଠ ନେତାମାନେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଭାଜପା ଓ ବିଜେଡିର କୁଶାସନକୁ ପ୍ରତ୍ୟାଖ୍ୟାନ କରି କଂଗ୍ରେସକୁ ଭରସା କରି ଭୋଟ ଦେବାପାଇଁ ଅନୁରୋଧ କରିଥିଲେ। ଏଥିରେ ପିପିଲି ଏନଏସିର କଂଗ୍ରେସ ସଭାପତି ସେକ୍ ମେହେବୁବ୍ ସହ ବହୁ ନେତା ସାମିଲ ହୋଇଥିଲେ।



କଂଗ୍ରେସ ପ୍ରାର୍ଥୀ ଅଜିତ୍‌ଙ୍କ ପାଇଁ ରାଷ୍ଟ୍ରୀୟ ନେତା ରୁଦ୍ର ରାଜୁ ପ୍ରଚାର କରୁଛନ୍ତି ।

# ମହିଳା ସମାବେଶରେ ବିଜେଡିର ଶକ୍ତି ପ୍ରଦର୍ଶନ

ଡେଲାଙ୍ଗ,୧୦।୪(ଡି.ଏନ.ଏ.)

ପିପିଲି ଉପନିର୍ବାଚନ ଭୋଟ ତାରିଖ ପାଖେଇ ଆସୁଥିବାବେଳେ ରାଜନୀତି ସେତିକି ସରଗରମ ହେବାରେ ଲାଗିଛି। ନିର୍ବାଚନ ମଣ୍ଡଳୀରେ ବହୁ ସଂଖ୍ୟାରେ ବିଜୟ ଲାଭ କରିବା ପାଇଁ ବିଜେଡିର ଅନେକ ମନ୍ତ୍ରୀ, ବିଧାୟକ ଓ ରାଜ୍ୟସ୍ତରୀୟ ନେତାମାନଙ୍କ ଭିଡ ଦେଖିବାକୁ ମିଳିଛି। ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀ ତାଙ୍କ ଭଉଣୀ ଭିଣୋଇଙ୍କ ସହିତ ବିଭିନ୍ନ ସ୍ଥାନରେ ପ୍ରଚାର କରିବାରେ ଲାଗିଛନ୍ତି। ଅନ୍ୟପଟେ ବିଭିନ୍ନ ପଞ୍ଚାୟତର ଦାୟିତ୍ୱରେ ଥିବା ନେତା ଓ ରାଜ୍ୟସ୍ତରୀୟ ନେତାମାନେ ମହିଳା ସମାବେଶ କରି ଦଳର ଶକ୍ତିବୃଦ୍ଧି କରିବାରେ ଲାଗିପଡ଼ିଛନ୍ତି।




ଏ ନେଇ ଶନିବାର କଲ୍ୟାଣପୁର, ଅରିସଲ, ଖେଲାଉର ଓ ଗଡମୋଟରୀ ପ୍ରଭୃତି ପଞ୍ଚାୟତରେ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। କଲ୍ୟାଣପୁରରେ ଅନୁଷ୍ଠିତ ମହିଳା ସମାବେଶରେ ବିଧାୟକ ଉମାକାନ୍ତ ସାମନ୍ତରାୟ, ଏମ୍‌ପି ଶର୍ମିଷ୍ଠା ସେଠୀ, ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ସନ୍ଧ୍ୟାରାଣୀ ବିଶ୍ୱାଳ, କୃଷ୍ଣଚନ୍ଦ୍ର ପଣ୍ଡା, ଅନିତା ବେହେରା, ପୂର୍ଣ୍ଣିମା ସିଂହ, ଅଞ୍ଜନା ବେଞ୍ଜ,ସୋଲର ମିଶ୍ର,ସରପଞ୍ଚ ବିଷ୍ଣୁପ୍ରିୟା ଜେନା, ସମିତିସଭ୍ୟା ଜୟମାଳା ଭଞ୍ଜ, ଏମ୍‌ପି ପ୍ରତିନିଧି ନୃସିଂହଚରଣ ଜେନା, ସରପଞ୍ଚ ପ୍ରତିନିଧି ସଞ୍ଜୟ ଜେନା ପ୍ରମୁଖ ଯୋଗଦେଇ ଦଳର ସୁପ୍ରିମୋ ନବୀନ ବାବୁଙ୍କ ସୁଶାସନ ସମ୍ପର୍କରେ ଆଲୋକପାତ କରିଥିଲେ ।

## ଏନ୍ଏସିରେ ବିଜେଡିର ମାରାଥନ ପ୍ରଚାର

ପିପିଲି,୧୦।୪(ଡି.ଏନ୍.ଏ.)

ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ଦିନ ଯେତେ ପାଖେଇ ଆସୁଛି ଅଞ୍ଚଳର ପ୍ରାର୍ଥୀ ଏବଂ କର୍ମୀମାନଙ୍କର ଉତ୍ସାହ ସହ ଶକ୍ତି ପ୍ରଦର୍ଶନ ସେତିକି ଅଧିକ ଦେଖିବା ପାଇଁ ମିଳୁଛି। ଶନିବାର ପିପିଲି ଏନ୍ଏସିରେ ପୂର୍ବତନ ନଗରପାଳ ସେକ୍ ବାବୁଙ୍କ ସହ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ ଶତାଧିକ ଦଳୀୟ କର୍ମୀଙ୍କୁ ଧରି ୪ନମ୍ବର ୱାର୍ଡର ପ୍ରତିପରିବାରକୁ ଭେଟିଥିଲେ। ଦୁଆର ଦୁଆର ପହଞ୍ଚି ବିଜେଡି ସରକାରଙ୍କ ସଫଳ ଯୋଜନା ସବୁ ଭୋଟରଙ୍କ ସମ୍ମୁଖରେ ଉପସ୍ଥାପିତ କରି ଭୋଟ ହାତେଇବା ପାଇଁ ଚେଷ୍ଟା କରୁଥିଲେ। ପ୍ରଚାରରେ ଶତାଧିକରୁ ଊର୍ଦ୍ଧ୍ୱ ମହିଳା ଏବଂ ପୁରୁଷ ସାମିଲଥିଲେ ।

## ଗଜପତି, ଶଙ୍କରାଚାର୍ଯ୍ୟଙ୍କୁ ବହିଷ୍କୃତ ପଣ୍ଡିତ ସଭା ସଦସ୍ୟଙ୍କ ଦାବିପତ୍ର

ପୁରୀ ଅଫିସ,୧୦।୪:

ମୁକ୍ତିମଣ୍ଡପ ପଣ୍ଡିତ ସଭାରୁ ବହିଷ୍କାର ହେବା ପରେ ୩ଜଣ ମୁକ୍ତିମଣ୍ଡପ ପଣ୍ଡିତ ଶଙ୍କରାଚାର୍ଯ୍ୟ ଓ ଗଜପତିଙ୍କୁ ଚିଠି ଲେଖି ଘଟଣାରେ ହସ୍ତକ୍ଷେପ ନିବେଦନ କରିଛନ୍ତି। ସେହିଭଳି ବହିଷ୍କାର କରିଥିବା ମୁକ୍ତି ପଣ୍ଡିତ ସଭାର କାର୍ଯ୍ୟକାରୀ ସଭାପତି ଆଦିତ୍ୟ ହୃଦୟ ମିଶ୍ରଙ୍କ ବିରୋଧରେ ଦେଇଥିବା ମାମଲାରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବହିଷ୍କୃତ ସଦସ୍ୟମାନେ ହେଲେ ସୂର୍ଯ୍ୟନାରାୟଣ ରଥଶର୍ମା, ହରିଶଙ୍କର ମିଶ୍ର ଓ ଦୁର୍ଗାପ୍ରସାଦ ମହାପାତ୍ର। ଏ ନେଇ ସୂର୍ଯ୍ୟନାରାୟଣ ରଥଶର୍ମା ପ୍ରେସ ବାର୍ତ୍ତାରେ କହିଛନ୍ତି, ଥାନାରେ କାର୍ଯ୍ୟକାରୀ ସଭାପତିଙ୍କ ନାମରେ ମାମଲା ହେବା ପରେ ଆକ୍ରୋଶମୂଳକ ଭାବେ ସେ ଆମକୁ ସଭାରୁ ବହିଷ୍କାର କରିଛନ୍ତି। ସେହିଭଳି ପଣ୍ଡିତ ସଭା ସମ୍ବିଧାନକୁ ଉଲ୍ଲଂଘନ କରି ଅନେକ କାର୍ଯ୍ୟ କାର୍ଯ୍ୟକାରୀ ସଭାପତି କରିଛନ୍ତି। ଏଣୁ ସମ୍ପୃକ୍ତ ପ୍ରସଙ୍ଗ ଉପରେ ବିଚାର କରିବା ପାଇଁ ସେ ଜିଲା ପ୍ରଶାସନ, ଶଙ୍କରାଚାର୍ଯ୍ୟ ଓ ଗଜପତି ମହାରାଜାଙ୍କୁ ନିବେଦନ କରିଛନ୍ତି।

## ବଟି ମାଗି ଜଣେ ଗିରଫ

ପୁରୀ ଅଫିସ, ୧୦।୪

ବଟି ମାଗି ଆକ୍ରମଣ କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଶନିବାର ଗିରଫ କରିଛି। ସେ ହେଲେ ଏହି ଥାନା ଦଇତାପଡା ସାହିର ଅଚ୍ୟୁତ ମିଶ୍ର । ଏ ନେଇ ପୋଲିସ ମାମଲା (ନଂ. ୧୧୬ /୨୧) ରୁଜୁ କରିଛି। ମାର୍କେଟ ଛକ ନିକଟରେ ବୃଦ୍ଧ ବଂଶୀଧର ସାହୁଙ୍କ ଏକ ଦୋକାନ ରହିଛି। ଅଚ୍ୟୁତ ଶୁକ୍ରବାର ବଂଶୀଧରଙ୍କ ଦୋକାନକୁ ଆସି ୫୦୦୦ ଟଙ୍କା ବଟି ମାଗିଥିଲେ। ବଂଶୀଧର ମନା କରିବାରୁ ଅଚ୍ୟୁତ ତାଙ୍କୁ ମାରିଦେବାକୁ ଧମକ ଦେବା ସହ ଆକ୍ରମଣ କରିଥିଲା। ଏହି ଘଟଣାକୁ ନେଇ ବଂଶୀଧରଙ୍କ ପୁଅ ଶ୍ୟାମ ସୁନ୍ଦର ସାହୁ କୁମ୍ଭାରପଡା ଥାନାରେ ଏତଲା ଦେଇଥିଲେ।



ପୁରୀ ଏମାର ମଠରୁ ଶନିବାର ବାହାରି ଥିବା ୪୫ ଖଣ୍ଡ ରୁପା ଇଟାକୁ ଗାଡ଼ିରେ ଜିଲା କୋଷାଗାରକୁ ନିଆଯାଉଛି ।

## ଭଗବାନ ସଭାପତି, ପ୍ରଭାକର ସମ୍ପାଦକ

ସାକ୍ଷୀଗୋପାଳ,୧୦।୪(ଡି.ଏନ୍.ଏ.)

### ଆଇନଜୀବୀ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ସତ୍ୟବାଦୀ ଆଇନଜୀବୀ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଶନିବାର ସତ୍ୟବାଦୀ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ନିମନ୍ତେ ଆଇନଜୀବୀ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯିବା ପରେ ନିର୍ବାଚନ ଅଧିକାରୀ ଆଇନଜୀବୀ ଅଞ୍ଜନ ହୋତାଙ୍କ ଅଧ୍ୟକ୍ଷତାରେ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ନୂତନ କର୍ମକର୍ତ୍ତାମାନଙ୍କ ମଧ୍ୟରେ ସଭାପତି ଭଗବାନ ରଥ, ଉପସଭାପତି ବାଳକୃଷ୍ଣ ମହାପାତ୍ର, ସମ୍ପାଦକ ପ୍ରଭାକର ମିଶ୍ର, ସହସମ୍ପାଦକ ରବୀନ୍ଦ୍ର କୁମାର ଦାସ, ଅଫିସ ସମ୍ପାଦକ ଚିନ୍ମୟ ନାୟକ ଓ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ଦେବଦତ୍ତ ସାମନ୍ତରାୟ, ଉପେନ୍ଦ୍ର ବିଶ୍ୱାଳଙ୍କ ସହିତ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ନିଜ ନିଜର ପଦ ଓ ଗୋପନୀୟତା ସମ୍ପର୍କରେ ଶପଥ ପାଠ କରିଥିଲେ। ପୂର୍ବତନ ସମ୍ପାଦକ ସୁଶାନ୍ତ କୁମାର ରଥ ନୂତନ କର୍ମକର୍ତ୍ତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସତ୍ୟବାଦୀ ଆଇନଜୀବୀ ସଂଘର ନୂତନ କାର୍ଯ୍ୟାଳୟ ସହିତ ପାଠାଗାର ଏବଂ ସେମାନଙ୍କ ସମସ୍ୟାଗୁଡିକ ସମାଧାନ ପାଇଁ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସଭାପତି ଭଗବାନ ରଥ ପ୍ରତିଶ୍ରୁତି ଦେଇଥିଲେ।

# ଏସ୍‌ପି, ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଥମିଲା ଉତ୍ତେଜନା

ପୁରୀ ଅଫିସ, ୧୦।୪

### ଖବରଦାତାଙ୍କୁ ମାଡ଼ ଅଭିଯୋଗ

ଏମାର ମଠରେ ଟ୍ରଷ୍ଟକୁ ଦାୟିତ୍ୱ ହସ୍ତାନ୍ତର ପ୍ରକ୍ରିୟା ଓ ସମ୍ପତ୍ତିର ହିସାବ ହେଉଥିବାବେଳେ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ପୋଲିସ ଅଧିକାରୀ ଓ କର୍ମଚାରୀ ଖବରଦାତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଦୁଇଦିନ ଧରି ଦେବୋତ୍ତର ଟିମ୍ ଓ ପୋଲିସ ଫୋର୍ସ ଏମାର ମଠ ଭିତରେ ଯାଞ୍ଚ କରୁଥିବାବେଳେ ଖବରଦାତାମାନେ ବାହାରେ ରହି ଖବର ସଂଗ୍ରହ କରୁଥିଲେ। ସେମାନଙ୍କୁ ଏମାର ମଠ ପରିସରକୁ ଛଡ଼ା ଯାଇ ନ ଥିଲା। ପ୍ରଶାସନର ନିୟମ ମାନି ଖବରଦାତାମାନେ ମଠ ଭିତରୁ ବାହାରକୁ ଆସୁଥିବା ଲୋକଙ୍କଠାରୁ ଖବର ସଂଗ୍ରହ କରୁଥିଲେ। ଶନିବାର ରୁପା ଇଟା ମିଳିବା ନେଇ ଖବର ବାହାରକୁ ଆସିବା ପରେ ଖବରଦାତାମାନେ ଏମାର ମଠ ଗେଟ ନିକଟରେ ପହଞ୍ଚିଥିଲେ। ଏହି ସମୟରେ ପୋଲିସ ସହ ବଚସା ହେବାପରେ ପୋଲିସ ତେତେ ଜଣ ଖବରଦାତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ କିଛି ସମୟ ଉତ୍ତେଜନା ଲାଗି ରହିଥିଲା। ଖବର ପାଇ ଏସ୍‌ପି ଓ ଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ଏସ୍‌ପି କନୱର ବିଶାଲ ସିଂ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିବାବେଳେ ଜିଲାପାଳ ସମର୍ଥ ବର୍ମା ମଧ ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ଦେଇଛନ୍ତି।


ପୁରୀ ଏମାର ମଠରେ ଉତ୍ତେଜନା ଦେଖା ଦେବା ପରେ ମଠର ମୁଖ୍ୟ ଗେଟ୍ ସମ୍ମୁଖରେ ଶନିବାର ପୋଲିସମାନେ ପହରା ଦେଇଛନ୍ତି ।

# ସପ୍ତାହରେ ୫ କରୋନା ପଜିଟିଭ ଚିହ୍ନଟ

କଣାସ,୧୦।୪(ସ୍ୱ.ପ୍ର.)

କରୋନା ମହାମାରୀର ଦ୍ୱିତୀୟ ଲହର ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାର ମାସ୍କ ପିନ୍ଧିବା ଓ ସଚେତନ ପ୍ରତି ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ କଣାସ ବ୍ଲକରେ ଗତ ସପ୍ତାହ ମଧ୍ୟରେ ୫ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଶନିବାର ଜଣେ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଶୁକ୍ରବାର ୨ଜଣ ପଜିଟିଭ ଚିହ୍ନଟ ହୋଇଥିଲେ। ଏହି ସପ୍ତାହ ମଧ୍ୟରେ ଆଉ ୨ଜଣ କରୋନା ସଂକ୍ରମିତ ହୋଇଥିବା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୂତ୍ରରୁ ସୂଚନା ମିଳିଛି। ତେବେ ଏହି ୫ ସଂକ୍ରମିତ ବ୍ୟକ୍ତିମାନେ ହୋମ୍ କ୍ୱାରେଣ୍ଟାଇନ୍‌ରେ ରହି ଚିକିତ୍ସିତ ହେଉଥିବା ଡାକ୍ତରଙ୍କ ଠାରୁ ପ୍ରକାଶ। ଚିହ୍ନଟ ହୋଇଥିବା ୫ଜଣ ବ୍ୟକ୍ତି ନିକଟରେ ବାହାର ରାଜ୍ୟରୁ ଫେରିଥିବା ଜଣାପଡ଼ିଛି। ତେବେ ଏହାକୁ ନେଇ ବ୍ଲକ ପ୍ରଶାସନ ଚିନ୍ତାରେ ଥିବାବେଳେ ଲୋକଙ୍କୁ ନିଜ ପ୍ରତି ଯଥାସାଧ୍ୟ ସଚେତନ ରହିବାକୁ ବାର୍ତ୍ତା ଦିଆଯାଉଛି। ପ୍ରଥମ କରୋନା ସଂକ୍ରମଣ ଲହରିରେ କଣାସ ବ୍ଲକର ୬୪୨ଜଣ ପଜିଟିଭ ଚିହ୍ନଟ ହୋଇଥିଲେ। ରାଜ୍ୟ ସରକାର କରୋନା ନିୟମକୁ କଡ଼ାକଡ଼ି କରି ସମସ୍ତେ ବାଧ୍ୟତାମୂଳକ ମାସ୍କ ପିନ୍ଧିବା, ବଜାର ଘାଟରେ ସାମାଜିକ ଦୂରତା ରକ୍ଷାକରିବା ପ୍ରତି ଅଧିକ ଗୁରୁତ୍ୱ ଦେଉଥିବା ବେଳେ କଣାସ ବ୍ଲକର ବିଭିନ୍ନ ବଜାର ହାଟଗୁଡ଼ିକରେ ଲୋକମାନେ କୋଭିଡ ନିୟମ ମାନୁ ନାହାନ୍ତି। ତେଣୁ ବ୍ଲକର ସମସ୍ତ ଜନସାଧାରଣ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷାକରିବା ଉପରେ ଅଧିକ ଗୁରୁତ୍ୱ ଦେବାପାଇଁ ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା, କଣାସ ଥାନା ଆଇଆଇସି ତପନ ରାଉତ, ଗଡିଶାଗୋଦା ଆଇଆଇସି ଦେବାଶୀଷ ମିଶ୍ର ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

## ସଙ୍ଗୀତ ସିଡୀ ମାତୃକୃପାର ଲୋକାର୍ପଣ

ପୁରୀ ଅଫିସ/ ସାକ୍ଷୀଗୋପାଳ (ଡି.ଏନ୍.ଏ.), ୧୦।୪

ମାତୃକୃପା ପ୍ରଡକଶନ୍‌ର ପ୍ରଥମ ଅବଦାନ ସଙ୍ଗୀତ ସିଡୀ 'ମାତୃକୃପା'ର ଲୋକାର୍ପଣ ଉତ୍ସବ ଶନିବାର ବୀରଗୋବିନ୍ଦପୁର ମା' ଦକ୍ଷିଣକାଳୀଙ୍କ ପୀଠରେ ଅନୁଷ୍ଠିତ ହୋଇଛି। ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଉତ୍ସବରେ ମୁଖ୍ୟ ଅତିଥି ଯୋଗଦେଇ ସିଡୀକୁ ଲୋକାର୍ପିତ କରିଥିଲେ। ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ ଗୀତ ରଚନା କରିଥିବା ବେଳେ ସଂଯୋଜନା ଦେଇଛନ୍ତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ। ଏହି ଅବସରରେ ସମସ୍ତ କଣ୍ଠଶିଳ୍ପୀ ଏବଂ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା।

# ପରମ୍ପରାରେ ହେଲା ସାଗର ସ୍ନାନ ମେଳଣ

ଗୋପ,୧୦।୪(ଡି.ଏନ୍.ଏ.)

କରୋନା କଟକଣାକୁ ଦୃଷ୍ଟିରେ ରଖି ଚଳିତବର୍ଷ କେବଳ ପରମ୍ପରା ଓ ବିଧି ଅନୁଯାୟୀ ଗୋପ ସାଗର ସ୍ନାନ ମେଳଣ ଆରମ୍ଭ ହୋଇଛି। କାହିଁ କେଉଁ କାଳରୁ ଅନୁଷ୍ଠିତ ହୋଇ ଆସୁଥିବା ଏହି ମେଳଣ ପଡିଆକୁ ଏଥର ମାତ୍ର ୨୬ଟି ବିମାନ ଆସିଥିଲେ। ମହାପ୍ରଭୁ ଗୋପାଳଜୀଉ କଟକଣା ମଧ୍ୟରେ ଆସିବା ପରେ ସମସ୍ତ ନୀତି ରୀତି ସମ୍ପନ୍ନ ହେବା ପରେ ଅପେକ୍ଷାରତ ବିମାନଗୁଡ଼ିକ ପଡ଼ିଆ ମଧ୍ୟକୁ ଆସିଥିଲେ। କିମ୍ବଦନ୍ତୀ ଅନୁଯାୟୀ, ବ୍ରିଟିଶ ଶାସନ ସମୟରେ ମହାପ୍ରଭୁ ଗୋପାଳଜୀଉ ଗୋପ ଥାନାର ହାଜତ ଭିତରେ ବନ୍ଦୀ ଭାବରେ ରହିଥିଲେ। ପ୍ରଭୁ ସେ ସମୟରେ ଥାନାରେ ଥିବା ମୁସଲିମ ସମ୍ପ୍ରଦାୟର ଦାରୋଗା ବାବୁଙ୍କୁ ସ୍ୱପ୍ନାଦେଶ କରିବାରେ ଦାରୁଗା ବାବୁ ମହାପ୍ରଭୁଙ୍କ ନିର୍ଦ୍ଦେଶ ଅନୁସାରେ ମେଳଣ ଆରମ୍ଭ କରିଥିଲେ। ଆଉ ମଧ ମହାପ୍ରଭୁଙ୍କ ଆତସବାଜି ପ୍ରଦର୍ଶନ କରିବା ଲାଗି ସ୍ୱପ୍ନାଦେଶ ଦେଇଥିବାରୁ ଆତସବାଜି ଆରମ୍ଭ କରାଯାଇଥିଲା। କିନ୍ତୁ ମହାପ୍ରଭୁଙ୍କ ବିମାନ ଉପରେ ବାଣ ପଡ଼ିଯିବା ଯୋଗୁ ବିମାନ ପୋଡ଼ିଯାଇଥିଲା। ଏପରିକି ମହାପ୍ରଭୁ ଗୋପାଳଜୀଉଙ୍କ ଆଖି ମଧ ନଷ୍ଟ ହୋଇଯାଇଥିଲା। ସେହିଦିନଠାରୁ ମହାପ୍ରଭୁଙ୍କୁ କଣା ଗୋପାଳଜୀଉ କୁହାଯାଏ। ଏହି ସାଗର ସ୍ନାନ ମେଳଣ ଏକ ହିନ୍ଦୁ ମୁସଲମାନ ମେଳଣ ତଥା ଭାଇଚାରାର ଉଦାହରଣ ମେଳଣରେ ଦେଖିବାକୁ ମିଳେ। ଗୋପ ଥାନାର ଥାନା ଅଧିକାରୀ ଏହି ଭାଇଚାରାର ମେଳଣରେ ଥାନପତି ଗୋପାଳଜୀଉଙ୍କୁ ରୋଶଣି ମାଧ୍ୟମରେ ଆଣିବା ପରେ ସମସ୍ତ ନୀତିରୀତି ସମ୍ପନ୍ନ ଶେଷ କରାଯାଇଥିଲା। ଏହା ପରେ ବାହାରେ ଅପେକ୍ଷାରତ ଅନ୍ୟ ବିମାନ ସବୁ ମେଳଣ ପଡ଼ିଆକୁ ଆସିଥିଲେ।


ଗୋପାଳ ଜୀଉଙ୍କୁ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ମେଳଣ ପଡିଆକୁ ନେଉଛନ୍ତି।




11563141ODI